୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.101 Bhubaneswar Thursday May 29 2025 | ୨୭ତମ ବର୍ଷ ସଂଖ୍ୟା-୧୦୧ ଭୁବନେଶ୍ୱର, ବୁଧବାର, ମଇ ୨୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## କ୍ୟାବିନେଟ ବୈଠକରେ ୫ ପ୍ରସ୍ତାବ ଉପରେ ଲାଗିଲା ମୋହର



ଭୁବନେଶ୍ୱର,୨୮।୫(ପି.ଏନ) ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ। କ୍ୟାବିନେଟ ବୈଠକରେ ୫ ପ୍ରସ୍ତାବ ଉପରେ ଲାଗିଲା ମୋହର। ଏ ନେଇ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ଓଡ଼ିଶା ବେସାମରିକ ସେବା ନିୟମାବଳୀ ୧୯୮୯ର ସଂଶୋଧନ କରାଯାଇଛି। ରାଜ୍ୟ ସରକାରୀ ପଦପଦବୀ ଓ ସେବାରେ ପ୍ରବେଶ ପାଇଁ ପ୍ରବେଶ ସର୍ବୋଚ୍ଚ ବୟସ ସୀମା ୩୨ ଥିଲା । ଏହି ବୟସ ସୀମା ଏବେ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ତେବେ ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା ଇତ୍ୟାଦି କିମ୍ବା ଯେଉଁ ସେବା ଓ ପଦବୀରେ ଶାରୀରିକ ଦକ୍ଷତା ପରୀକ୍ଷା ରହିଥାଏ ତା ବ୍ୟତିତ ଅନ୍ୟ ସମସ୍ତ ବିଭିନ୍ନ ମୂଳ ପଦବୀ ଓ ସେବରେ ପ୍ରବେଶ ପାଇଁ ବୟସସୀମା ୩୨ରୁ ୪୨ ବର୍ଷକୁ ବୃଦ୍ଧି ପାଇଛି। ଜଟାଧାର ମୁହାଁଣରେ ନିଜସ୍ୱ ଜେଟି ସ୍ଥାପନ ହେବ । ଏଥିଲାଗି ରାଜ୍ୟ ସରକାର ଓ ଔଝଡ ଉତ୍କଳ ଷ୍ଟିଲ ଲିମିଟେଡ ମଧ୍ୟରେ ରିହାତି ଚୁକ୍ତି ଅନୁମୋଦନ ସ୍ୱାକ୍ଷରକୁ ଅନୁମତି । ଯୋରନ୍ଦା ସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପ ନିର୍ମାଣ କରିବାକୁ ନିଷ୍ପତ୍ତି । ଏଥିଲାଗି ୧୭୧ କୋଟି ଟଙ୍କା ଅନୁମୋଦନ କରାଯାଇଛି । ୩୬ ମାସ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଚକ୍ଷୁ ଚିକିତ୍ସା ସେବା କ୍ଷେତ୍ରରେ ମୋଟ ୫୩୮ ଚକ୍ଷୁ ଚିକିତ୍ସା ସହାୟକ ପଦବୀକୁ ଅନୁମୋଦନ ମିଳିଛି। ୧୪୧ଟି ନୂଆ ପଦବୀ ସୃଷ୍ଟି ସହ ପଦୋନ୍ନତି ଭିତ୍ତିରେ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟରେ ଇଓ କ୍ଷେତ୍ରରେ ଷ୍ଟାର୍ଟଅପକୁ ପ୍ରୋତ୍ସାହନ ଦିଆଯିବ। ଇଓ ମିସନ ଓ ଇଓ ସେଲ ଆରମ୍ଭ ହେବ।

## ପୋଲାଭରମ ପ୍ରକଳ୍ପ ନେଇ କେନ୍ଦ୍ରର ସମୀକ୍ଷାକୁ ବିଜେଡ଼ିର ସମାଲୋଚନା

ଭୁବନେଶ୍ୱର,୨୮।୫(ପି.ଏନ): ପୋଲାଭରମ ସମୀକ୍ଷାକୁ ନେଇ ତେଜିଲା ରାଜନୀତି। ବିରୋଧୀ କହିଲେ ପ୍ରକଳ୍ପ ସରିବା ପରେ କେନ୍ଦ୍ରର ସମୀକ୍ଷା। ପ୍ରକଳ୍ପରେ ଓଡିଶାର ସ୍ୱାର୍ଥକୁ ଟ୍ରିପଲ ଇଂଜିନ ସରକାରଙ୍କ ଅଣଦେଖା। କେନ୍ଦ୍ରକୁ ବିଜେଡି ଓ କଂଗ୍ରେସର ନିଶାଣ। ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡିଶାର ମାଲକାନାଗିରି ଜିଲ୍ଲା ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବ। ବୁଡିଯିବ ମୋଟୁ ଅଂଚଳ। ଜଳମଗ୍ନ ହେବ ହଜାର ହଜାର ହେକ୍ଟର ଚାଷଜମି। ପ୍ରକଳ୍ପ ନକ୍ସା ପ୍ରସ୍ତୁତ ହେବା ଦିନଠାରୁ କେନ୍ଦ୍ରକୁ ଏହି ଦାବି ଜଣାଇ ଆସିଛି ଓଡିଶା। ହେଲେ କେନ୍ଦ୍ର ସରକାର ଶୁଣୁନାହାନ୍ତି। ଓଡିଶା ପ୍ରତିବାଦ କରିବା ସତ୍ତ୍ୱେ କେନ୍ଦ୍ର ଏହାକୁ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରି ସ୍ୱତନ୍ତ୍ର ଅନୁଦାନ ଦେଇଛନ୍ତି। ପୋଲାଭରମ ପ୍ରକଳ୍ପ କାମ ସରିବା ପରେ କେନ୍ଦ୍ର ସରକାରଙ୍କ ସମୀକ୍ଷା କଟା ଘାରେ ଚୂନ ସଦୃଶ ବୋଲି କହିଛି ବିଜେଡି। ପ୍ରକଳ୍ପ ଯୋଗୁଁ ଆଦିବାସୀମାନେ ବେଶୀ କ୍ଷତିଗ୍ରସ୍ତ ହେବ। ଅଧା ମାଲକାନିଗିରି ବୁଡିଯିବ। ତେଣୁ ସମୀକ୍ଷା ପରେ ଓଡିଶାର କିଛି ଭାଗ୍ୟ ପରିବର୍ତ୍ତନ ହେବ ନାହିଁ କହିଛି ବିଜେଡି। ସେପଟେ କଂଗ୍ରେସ କହିଛି ଓଡିଶାକୁ ବୁଡାଇବା ପରେ ଟ୍ରିପଲ ଇଂଜିନ ସରକାର ପୋଲାଭରମ ପ୍ରକଳ୍ପର ସମୀକ୍ଷା କରୁଛନ୍ତି। ଯାହାର କୌଣସି ମୂଲ୍ୟନାହିଁ। ଯଦି ପ୍ରଧାନମନ୍ତ୍ରୀ ଓଡିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି ତେବେ ମାଲକାନାଗିରି କ୍ଷତିଗ୍ରସ୍ତମାନଙ୍କୁ ନ୍ୟାୟ ଦିଅନ୍ତୁ କହିଛି କଂଗ୍ରେସ ।ପୋଲାଭରମ ପ୍ରକଳ୍ପ ମାମଲାରେ ସୁପ୍ରିମକୋର୍ଟ ଆଡିବନ୍ଧ ନିର୍ମାଣ ସହ ଉଚ୍ଚତା କମାଇବାକୁ ପୂର୍ବରୁ କହିଛନ୍ତି ।ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ବିଜେଡି ଦାବି କରିଛି। ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ରାଜ୍ୟ ଉପଯୁକ୍ତ ଯୁକ୍ତି ବାଢି କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଦେବାକୁ ଦୁଇ ବିରୋଧୀ ଦାବି କରିଛନ୍ତି। ଅନ୍ୟପଟେ ଶାସକ ବିଜେପି କହିଛି ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର କାମ କରୁଛନ୍ତି। ବିଶେଷଜ୍ଞ ଆକଳନ ହେଉଛି ପୋଲାଭମର ପ୍ରକଳ୍ପ ଯୋଗୁଁ ୧୦ ହଜାର ହେକ୍ଟର ଜମି ଜଳମଗ୍ନ ହେବ। ୭୦ ପ୍ରତିଶତ ଆଦିବାସୀ ଜନବସତି ପ୍ରଭାବିତ ହେବ। ମୋଟୁ ଅଚଳ ସହ ଅନେକ ଗାଁ ବୁଡିଯିବ। ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକ ପରେ ଓଡିଶାକୁ ନ୍ୟାୟ ମିଳିବ କି ନାହିଁ ତାହାକୁ ନେଇ ତେଜିଛି ରାଜନୈତିକ ବୟାନବାଜି।

## ରାଜ୍ୟରୁ ଚିହ୍ନଟ ସମସ୍ତ ୫ କୋଭିଡ ରୋଗୀ ଖୋର୍ଦ୍ଧା ଜିଲ୍ଲାର



ଭୁବନେଶ୍ୱର,୨୮।୫(ପି.ଏନ): ଧୀରେ ଧୀରେ ଖୋର୍ଦ୍ଧା ଜିଲ୍ଲା କୋଭିଡ ସ୍ପଟ ପାଲଟୁଛି । ଏବେଠାରୁ ପ୍ରତିକାର ବ୍ୟବସ୍ଥା କରାନଗଲେ ଖୋର୍ଦ୍ଧା ଜିଲ୍ଲା ହଟସ୍ପଟ ପାଲଟିବାର ଆଶଂକା ରହିଛି । ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲ୍ଲାରୁ ହିଁ ୫ ଜଣ କୋଭିଡ ରୋଗୀ ଥିବା ରିପୋର୍ଟ ହୋଇଛି । ପର୍ବରୁ ଦିଲ୍ଲୀରୁ ଭୁବନେଶ୍ୱର ଫେରିଥିବା ଜଣେ ୭୬ ବର୍ଷ ବୟସ୍କ କୋ-ମରବିଡ ରୋଗୀଙ୍କ ଶରୀରରେ କୋଭିଡ ଚିହ୍ନଟ ହୋଇଥିଲା । ଜେନମ ସିକୁଏନସିଂରୁ ଜଣା ପଡ଼ିଛି ଯେ ତାହା ଓମିକ୍ରନର ସବ ଭାରିଆଣ୍ଟ ଜେଏନ-୧ । ତେବେ ଆଜି ଆଉ ଚାରି ଜଣ ସନ୍ଦିଗ୍ଧଙ୍କ ଖବର ମିଳିଛି । ଚିହ୍ନଟ ହୋଇଥିବା ରୋଗୀଙ୍କ ଭିତରୁ ଜଣେ ମହିଳା ଅଛନ୍ତି । ନୂଆ ରୋଗୀଙ୍କ ଭିତରୁ ତିନି ଜଣ ଭୁବନେଶ୍ୱରର ହୋଇଥିବାବେଳେ ଜଣେ ଜଟଣୀରେ ରୁହନ୍ତି । ଜଟଣୀରୁ ଚିହ୍ନଟ ହୋଇଥିବା କୋଭିଡ ରୋଗୀଙ୍କ ଆଣ୍ଟିଜେନ ପରୀକ୍ଷା ହୋଇଛି । ତେବେ ଖୁବ୍ ଶୀଘ୍ର ଏହି ୪ ଜଣଙ୍କ ଆରଟିପିସିଆର ସହ ଜେନମ ସିକୁଏନସିଂ କରାଯିବ । ବହୁ ବର୍ଷରୁ ଆଣ୍ଟିଜେନ କିଟ କାର୍ଯ୍ୟକାରୀ ହୋଇ ନଥିବାରୁ ଏହାର ଗୁଣବତ୍ତା ପରୀକ୍ଷା ପାଇଁ ଏହାକୁ ଆରଏମଆରସି ପଠାଇଛି ସ୍ୱାସ୍ଥ୍ୟ ବିଭାଗ । ସେପଟେ ଦେଶରେ କୋଭିଡ ବଢୁଛି । ଏହାକୁ ଦୃଷ୍ଟିରେ ରଖି ଆଜି ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟମାନଙ୍କ ସହ ବୈ?ଠକ ଡ଼କାଇ ଥିଲେ । ହେଲେ ହଠାତ୍ ଏହାକୁ ସ୍ଥଗିତ ରଖାଯାଇଥିବାରୁ କେ?ଣସି ନୂଆ ମାର୍ଗଦର୍ଶିକା ଆସି ପାରିଲା ନାହିଁ । ତେବେ ରାଜ୍ୟର କୋଭିଡ ସ୍ଥିତି ନେଇ ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ସଚିବ । ଓମିକ୍ରନର ସବ ଭାରିଆଣ୍ଟ ଜେଏନ-୧ର ବିଭିନ୍ନ ଲକ୍ଷଣ ରହୁଛି । ଭୋକ ନ ଲାଗିବା, ଜ୍ୱର, ଥଣ୍ଡା, ଗଳାରେ ସଂକ୍ରମଣ, ଶୁଖିଲା କାଶ, ମୁଣ୍ଡ ବିନ୍ଧା, ଗ୍ୟାଷ୍ଟ୍ରିକ, ବାନ୍ତି, ନାକରୁ ପାଣି ବାହାରିବା ଲକ୍ଷଣ ଦେଖାଦେଉଛି । ଏହା ସେତେଟା ମାରାତ୍ମକ ନ ହୋଇଥିଲେ ସୁଦ୍ଧା ଲକ୍ଷଣ ଦେଖା ଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଚଳିତ ମାସ ଦକ୍ଷିଣ-ପୂର୍ବ ଏସିଆରେ କୋଭିଡ ସ୍ଥିତି ଅଣାୟତ୍ତ କରିଛି । ଏପ୍ରିଲ ମାସରେ ଥାଇଲାଣ୍ଡରେ ସଂଗକ୍ରାନ ପର୍ବ ହୋଇଥିଲା । ଯେଉଁଥିରେ ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିବାରୁ ସଂକ୍ରମଣ ବୃଦ୍ଧି ପାଇଥିଲା । ଓଡ଼ିଶାରେ ବି ପାଖେଇ ଆସିଲାଣି ରଥଯାତ୍ରା । ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ । ଏହା ପୂର୍ବରୁ କୋଭିଡକୁ ମାତ ନ ଦିଆଗଲେ, ରଥଯାତ୍ରାରେ ବି ସଂଗକ୍ରାନ ପରି ସଂକ୍ରମଣ ଯୋଗୁଁ ବିସ୍ଫ?ରଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

## ବର୍ଷକର ସରକାରରେ ବେହାଲ ଆମ୍ବୁଲାନ୍ସ ସେବା



ଭୁବନେଶ୍ୱର,୨୮।୫(ପି.ଏନ): ରୋଗୀଙ୍କୁ ଡାକ୍ତରଖାନା ନେବା ବାଟରେ ଅଟକି ଯାଉଛି ଆମ୍ବୁଲାନ୍ସ । ଡାକ୍ତରଖାନାରେ ନା ରୋଗୀ ପହଞ୍ଚୁଛନ୍ତି ନା ଆମ୍ବୁଲାନ୍ସ । ଆମ୍ବୁଲାନ୍ସ ଭିତରେ ପଶୁଛି ବର୍ଷା ପାଣି । ରୋଗୀ, ସହାୟକ ଓ ଷ୍ଟାଫ ସମସ୍ତେ ବେହାଲ । ଜଗତସିଂହପୁର ଜିଲ୍ଲାରୁ ଆସିଥିବା ଏ ଚିତ୍ର ଦେଖିଲେ ରାଜ୍ୟରେ ଜରୁରୀକାଳୀନ ସେବା କେମିତି ଚାଲିଛି, ତାହା ଜଳ ଜଳ ଦିଶୁଛି । ନବୀନ ସରକାରରେ ୧୦୮ ଆମ୍ବୁଲାନ୍ସ ସଂଖ୍ୟା ବଢ଼ାଯାଇ ଉଚ୍ଚମାନର ସେବା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଥିଲା । ଆମ୍ବୁଲାନ୍ସ ସେବା ବାବଦରେ ନ ଥିଲା କିଛି ଅଭିଯୋଗ । ହେଲେ ସରକାର ବଦଳିବା ପରେ ବଦଳିଗଲା ଆମ୍ବୁଲାନ୍ସ ସେବା । ଶାସନକୁ ଆସିବା ପରେ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାକୁ ସରକାର ବଦଳାଇଦେଲେ । ଡ୍ରାଇଭର, ସହାୟକମାନଙ୍କୁ ସର୍ବନିମ୍ନ ସୁବିଧା ନ ମିଳିବାରୁ ରାସ୍ତାକୁ ଓହ୍ଲାଇଲା ସଂଘ। କିଛି କର୍ମଚାରୀଙ୍କୁ ଛଟେଇ କରିବାରୁ ତେଜିଲା ଆନ୍ଦୋଳନ। ଏମାନଙ୍କ ଦାବି ସମ୍ପୂର୍ଣ୍ଣ ପୂରଣ ହୋଇନଥିବା ବେଳେ ଏବେ ଆମ୍ବୁଲାନ୍ସର ବିକଳ ଚିତ୍ର ସାମ୍ନାକୁ ଆସିଛି ।ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଆସୁଥିବା ଅର୍ଥ ବାଟମାରଣା ହେଉଛି ବୋଲି କର୍ମଚାରୀ ସଂଘ ଅଭିଯୋଗ କରିଛି । ଆମ୍ବୁଲାନ୍ସ ସେବାର ମାନ ତଦାରଖ ପାଇଁ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ନଥିବା ଭଳି ଅନୁଭବ ହେଉଛି । କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ ଏବେ ରାଜ୍ୟବାସୀଙ୍କୁ ଡବଲ ଇଞ୍ଜିନର ଡବଲ ଧୋକା ବୋଲି କଂଗ୍ରେସ ଅଭିଯୋଗ କରିଛି । ନବୀନ ବାବୁଙ୍କ ଶାସନରେ ଆମ୍ବୁଲାନ୍ସ ସେବା ଭଲରେ ଚାଲୁଥିବା ବେଳେ ବିଜେପି ସରକାର ଏଥିପ୍ରତି ନଜର ଦେଉନାହିଁ ବୋଲି ବିଜେଡି ଅଭିଯୋଗ କରିଛି ।ବିଜୁ ସ୍ୱାସ୍ଥ୍ୟ ଯୋଜନାରୁ ବିଜେପି ସରକାର ଆୟୁଷ୍ମାନ ଯୋଜନାକୁ ବଦଳାଇବା ପରେ ସ୍ୱାସ୍ଥ୍ୟ ସେବାକୁ ନେଇ ରାଜ୍ୟର କୋଣ ଅନୁକୋଣରୁ ଅନେକ ଅଭିଯୋଗ ଆସୁଛି। ଏବେ ଆମ୍ବୁଲାନ୍ସ ସେବାର ଦୟନୀୟ ଚିତ୍ର ସାମନାକୁ ଆସିବା ପରେ ଜରୁରୀକାଳୀନ ସେବା ପାଇଁ ସରକାରଙ୍କ ଏପରି ହେୟଜ୍ଞାନକୁ ନେଇ ଖୁବ ସମାଲୋଚନା ହେଉଛି।

### ଚଳିତବର୍ଷ ସଅଳ ଛୁଇଁଲା ମୌସୁମୀ, ନିର୍ଦ୍ଧାରିତ ସମୟର ୧୦ଦିନ ପୂର୍ବରୁ ଦକ୍ଷିଣ ଓଡ଼ିଶାରେ ସକ୍ରିୟ

ଭୁବନେଶ୍ୱର,୨୮।୫(ପି.ଏନ): ଚାଷୀଙ୍କ ପାଇଁ ଆସିଲା ଖୁସି । ୧୦ ଦିନ ଆଗରୁ ଓଡ଼ିଶା ଛୁଇଁଲା ମୌସୁମୀ। ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ଜିଲ୍ଲାକୁ ଅଗ୍ରସର । ଚଳିତବର୍ଷ ଭଲ ବର୍ଷିବା ସହ ଚାଷ ପାଇଁ ରହିବନି ପାଣିର ଅଭାବ । ଗତବର୍ଷ ଜୁନ୍ ୮ରେ ଓଡିଶା ଛୁଇଁଥିଲା ମୌସୁମୀ । ତେବେ ଚଳିତବର୍ଷ ୧୦ ଦିନ ଆଗରୁ ମାଲକାନାଗିରି, କୋରାପୁଟ ଅଞ୍ଚଳରେ ମୌସୁମୀ ବାୟୁ ଅଗ୍ରସର ହୋଇଛି । ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା,ଗଜପତି ଜିଲ୍ଲାର କିଛି କିଛି ଅଞ୍ଚଳକୁ ସ୍ପର୍ଶ କରିଛି । ତେବେ ପାଗ ଅନୁକୂଳ ଥିବାରୁ ଖୁବଶୀଘ୍ର ଏହା ସାରା ଓଡ଼ିଶାରେ ସକ୍ରିୟ ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର । ସେପଟେ ବଙ୍ଗୋପସାଗର ସକ୍ରିୟ ରହିଛି ସୁଦୃଶ୍ୟ ଲଘୁଚାପ । ଆସନ୍ତା ୨୪ ଘଣ୍ଟାରେ ଭିତରେ ଏହା ଅବପାତରେ ପରିଣତ ହୋଇ ଉତ୍ତର ଆଡକୁ ଗତି କରିବ । ପ୍ରଭାବରେ ୨ଦିନ ଯାଏଁ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ପ୍ରବଳ ବର୍ଷା ପାଇଁ ଆସନ୍ତା ୨୪ ଘଣ୍ଟା ଭିତରେ ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ସେଥିପାଇଁ ଏସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ବାକି ୨୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ବର୍ଷା ସହ ୪୦ ରୁ ୫୦ କିମି ବେଗରେ ବହିବା ସମ୍ଭାବନା ରହିଛି । ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସତର୍କତା ଜାରି କରାଯାଇଛି । ଚଳିତବର୍ଷ ବର୍ଷା ପରିମାଣ ଅଧିକ ରହିବା ସହ ଚାଷ ପାଇଁ ପାଣିର ଅଭାବ ରହିବନି ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ କେନ୍ଦ୍ର ।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା, ଏକମାତ୍ର ଦୋଷୀ ପୁଞ୍ଜିଲାଲ ମେହେରକୁ ଆଜୀବନ କାରାବାସ



ବଲାଙ୍ଗୀର,୨୮।୫(ପି.ଏନ): ବହୁ ଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା । ସାଢେ ସାତ ବର୍ଷ ପରେ ଆସିଲା ଚୂଡାନ୍ତ ରାୟ । ଏକମାତ୍ର ଅଭିଯୁକ୍ତ ଅଧ୍ୟାପକ ପୁଞ୍ଜିଲାଲ ମେହେରକୁ ଆଜୀବନ ଦଣ୍ଡାଦେଶ । ବୃତ୍ତିଗତ ଶତ୍ରୁତାରୁ ପୁଞ୍ଜିଲାଲ କରିଥିଲା ନାରକୀୟକାଣ୍ଡ । ୨୦୧୮ ଫେବୃଆରୀ ୨୩ ତାରିଖରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡରେ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଫୁଟିଥିଲା ପାର୍ସଲ ବୋମା । ପୁଅ ସୌମ୍ୟଶେଖରଙ୍କ ବାହାଘରରେ ମିଳିଥିବା ଗିଫ୍ଟ ଖୋଲିଲାବେଳେ ଏହି ପାର୍ସଲ ବୋମା ଫୁଟିଥିଲା । ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ସମ୍ପର୍କୀୟ ଜେଜେମାଙ୍କ ମୃତ୍ୟୁ ହୋଇଥିଲା । ସୋମ୍ୟଶେଖରଙ୍କ ନବବିବାହିତା ପତ୍ନୀ ରିମାରାଣୀ ସାହୁ ଗୁରୁତର ଆହତ ହୋଇଥିଲେ । ଏହି ଲୋମହର୍ଷଣକାରୀ ଘଟଣାର ପ୍ରଥମେ ସ୍ଥାନୀୟ ପୋଲିସ ତଦନ୍ତ କରୁଥିବା ବେଳେ ପ୍ରାୟ ଦେଢ ମାସ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିଲା । ତଦନ୍ତରୁ ଜଣାପଡିଥିଲା ଯେ, ବୃତ୍ତିଗତ ଶତୃତାରୁ ଭଇଁସା କଲେଜର ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ରାୟପୁରରୁ ପାଟଣାଗଡକୁ ପାର୍ସଲ କରିଥିଲା ବୋମା । ପୁଅ ବାହାଘର ପରେ ପରିବାର ଲୋକେ ଖୋଲିଥିଲେ ଉପହାର ।ଗୋଟିଏ ପରେ ଗୋଟିଏ ଉପହାର ଖୋଲିବା ପରେ ଗୋଟିଏ ଗିଫ୍ଟ ଖୋଲିବା ମାତ୍ରେ ହୋଇଥିଲା ବିସ୍ଫୋରଣ । ବିସ୍ଫ?ରଣରେ ପ୍ରଚଣ୍ଡ ଶବ୍ଦ ହେବା ସହ ଘରର ଛାତ ସହ କାନ୍ଥ ଫାଟିଥିଲା ।ବହୁ ତନାଘନା ପରେ କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା । ଆଉ ଆଜି ତାକୁ ଦଣ୍ଡାଦେଶ ଶୁଣାଇଛନ୍ତି ପାଟଣାଗଡ଼ ଏଡିଜେ କୋର୍ଟ । ଦଣ୍ଡାଦେଶ ପରେ ସୌମ୍ୟଶେଖରଙ୍କ ପରିବାର ସାମାନ୍ୟ ଆଶ୍ୱସ୍ତି ହୋଇଛନ୍ତି । କ୍ରାଇମବ୍ରାଞ୍ଚ ଟିମ୍ ପାଟଣାଗଡ, ଭଇଁସା କଲେଜ ଓ ରାୟପୁର ଯାଇ ତଦନ୍ତ କରିଥିଲା। ସାଢେ ୭ବର୍ଷର ନ୍ୟାୟିକ ପ୍ରକ୍ରିୟାରେ ୬୨ ଜଣଙ୍କ ସାକ୍ଷ୍ୟଗ୍ରହଣ କରାଯାଇଥିଲା । କୋର୍ଟରେ ଶହେ ଦଲିଲ ଓ ୫୨ ଉପକରଣ ଉପସ୍ଥାପିତ କରାଯାଇଥିଲା।

## ଧାନର ଏମଏସ୍‌ପି ୬୯ ଟଙ୍କା ବଢ଼ାଇଲେ କେନ୍ଦ୍ର ସରକାର

ଭୁବନେଶ୍ୱର,୨୮।୫(ପି.ଏନ) ଖରିଫ ଫସଲ ପୂର୍ବରୁ ଚାଷୀଙ୍କ ପାଇଁ ବଡ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ବିଭିନ୍ନ ପ୍ରକାରର ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସ୍‌ପିକୁ ଆଜି କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ମୋଟ ୧୪ଟି ଖରିଫ ଫସଲର ଏମଏସ୍‌ପି ବୃଦ୍ଧି ଉପରେ ମୋହର ମାରିଛି। ଏହି କମିଟିର ଅଧ୍ୟକ୍ଷତା ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିଲେ ।ବୈଠକ ପରେ ଏମଏସ୍‌ପି ବୃଦ୍ଧି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

## ଆଜି ନୟାଗଡ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ପ୍ରାଙ୍ଗଣରେ ନୟାଗଡ ଜିଲ୍ଲା କଂଗ୍ରେସ କମିଟିର ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ




ଭୁବନେଶ୍ୱର,୨୮।୫(ପି.ଏନ): ପ୍ରଦେଶ କଂଗ୍ରେସସ କମିଟି ର ସଭାପତି ,ଜନମାନସର ନେତା ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ନୟାଗଡ ଜିଲ୍ଲା ସଂଯୋଜକ ଭାବେ ସତ୍ୟବ୍ରତ ନାୟକ ଙ୍କୁ ନିଁଯୁକ୍ତି ଦେଇଥିବାରୁ କଂଗ୍ରେସ ସାଙ୍ଗଠନିକ ସଭା ରେ ତାଙ୍କୁ ସ୍ୱାଗତ କରାଗଲା। ଶ୍ରୀ ସତ୍ୟବ୍ରତ ନାୟକ ସଂଯୋଜକ ଭାବର ଦାୟିତ୍ୱ ପାଇ ନୂତନ ଭାବେ ଆଜି ସାଙ୍ଗଠନିକ କାର୍ଯ୍ୟ କ୍ରମ ଆରମ୍ଭ କରିବା ସହିତ ନୟାଗଡ ଜିଲା ର ୪ ଗୋଟି ନିର୍ବାଚନ ମଣ୍ଡଳୀ ରେ କଂଗ୍ରେସ ର ସାଙ୍ଗଠନିକ କାର୍ଯ୍ୟକ୍ରମ କିଭଳି ମଜବୁତ ହବ । ଶ୍ରୀ ନାୟକ ମତ ପ୍ରକାଶ କରିବା ସହିତ ୮ ଗୋଟି ବ୍ଲକ ଓ ୩ଟି ଏନସି ଗୋଟିଏ ମ୍ୟୁନିସିପାଲିଟି ରେ ,ପ୍ରଦେଶ କଂଗ୍ରେସସ କମିଟି ସଭାପତି ଙ୍କ ବାର୍ତାକୁ କଂଗ୍ରେସ କର୍ମୀ ମାନଙ୍କ ନିକଟରେ ପହଂଚେଇଁବା ପାଇଁ ସଂକଳ୍ପ ବାନ୍ଧ ଏହି ସଭା ରେ କଂଗ୍ରେସ ବରିଷ୍ଠ ନେତାପୂର୍ବତନ ସଭାପତି ରଂଜିତ ଦାସ ଓ ପିସିସି ମେମ୍ବର ସଂଯୋଜକ ଙ୍କୁ ଦୃଢ ସମର୍ଥନ ଜଣେଇବା ସହ ସଂଗଠନ କିଭଳି ଭାବେ ମଜବୁତ ହବ। ସେ ବିଷୟରେ,ରଂଜିତ ଦାସ ହୁସେନ ଖାଁ ମତ ପ୍ରକାଶ କରିଥିଲେ । ଏଥିରେ ଉପସ୍ଥିତ ଥିଲେ ,ମନୋଜ କୁମାର ସାହୁ ,ପୂର୍ବତନ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ,ବିଭୂପ୍ରସାଦ ମିଶ୍ର ,ବିନୋଦିନୀ ମହାନ୍ତି , ଓଡଗାଁ ବ୍ଲକ ସଭାପତି ପୂର୍ଣ ଚନ୍ଦ୍ର ନାୟକ ,ସତ୍ୟରଞ୍ଜନ ମଓା,ବସନ୍ତ ମହାରଣା ,ବସନ୍ତ କର ,ପୀତବାଶ ଖୁଣ୍ଟିଆ,ସରଣକୂଳ ସମିତି ସଭ୍ୟ ପ୍ରତୀକ ମହାପାତ୍ର ,ବାଳକୃଷ୍ଣ ଷଡ଼ଙ୍ଗୀ ,ମିର ଅବୁବକର ଶିଧିକ ,ସୁକାନ୍ତ ଶତପଥି ,ପ୍ରକାଶ ଚନ୍ଦ୍ର ନାୟକ,ଦଳିତ ସଭାପତି ଉପେନ୍ଦ୍ର ବେହେରା ,ଆମଜାତ ଖାନ, ଅଶୋକ ନାୟକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଆମଜାତ ଖାନ,ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ ଏବଂ ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ବିଜେପିର ମିଛ କାହାଣୀକୁ ସତ ଜବାବ ଦେବ ବିଜେଡି

ଭୁବନେଶ୍ୱର,୨୮।୫(ପି.ଏନ): କାମ ଶୂନ । ପ୍ରଚାର ଓ ପ୍ରକଳ୍ପ ଘୋଷଣାରେ ବ୍ୟସ୍ତ ବିଜେପି । ବର୍ଷ ତମାମ ଉତ୍ସବ ପାଳନରେ ମସଗୁଲ ସରକାର । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, କମିଛି କେନ୍ଦ୍ରୀୟ ଅନୁଦାନ, ଓଡିଶାରେ ବିକାଶ ସଂପୂର୍ଣ୍ଣ ଠପ । ନାଁ ହୋଇଛି ରାସ୍ତାଘାଟ ନିର୍ମାଣ ନା କରାଯାଇଛି ଯୋଜନା । କେବଳ ରଙ୍ଗ ଓ ପୂର୍ବ ଯୋଜନାର ନାଁ ପରିବର୍ତ୍ତନରେ ସୀମିତ ରାଜ୍ୟ ସରକାର । ବିଜେପି ସରକାର ନିର୍ବାଚନ ପ୍ରତିଶୃତି ପାଳନରେ ବି ବିଫଳ ହୋଇଛି । ଏତେସବୁ ବିଫଳତା ଭିତରେ ରାଜ୍ୟ ସରକାର ସଫଳତାର ଉତ୍ସବ ପାଳନ କରିବାକୁ ଯାଉଛନ୍ତି । ତେଣୁ ଏହା ସଫଳତାର ନୁହେଁ, ବିଫଳତାର ବର୍ଷପୂର୍ତ୍ତି ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ସରକାରଙ୍କ ବିଫଳତାକୁ ନେଇ ବିଜେଡି ଲୋକଙ୍କ ପାଖକୁ ଯିବ । ସେପଟେ ବରିଷ୍ଠ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ବିଜେପି ସରକାରର ସଫଳତା ଉତ୍ସବ ପାଳନକୁ କାଉଣ୍ଟର କରିବ ବିଜେଡି। ଜୁନ ୧୨ ରେ ଓଡିଶା ଦେଖିବ ନୂଆ ନାଟକ। ସେପଟେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଓଡିଶାବାସୀଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲା ତାହା ପାଳନ କରିବାରେ ବିଫଳ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ୩୦୦ ୟୁନିଟ ମାଗଣା ବିଜୁଳି, ସରକାର ଗଠନର ୨୪ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ, ବେକାରୀଙ୍କୁ ନିଯୁକ୍ତି ଦେବା ଓ ଦାଦନ ବନ୍ଦ ହେବାର ପ୍ରତିଶୃତି କୁଆଡେ ଗଲା ବୋଲି ପ୍ରଶ୍ନ କରିଛି କଂଗ୍ରେସ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ବିଜେପି ସରକାର ଓଡିଶାବାସୀଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଭଣ୍ଡାଇ ଦେଇଛି । ସେହିପରି ବରିଷ୍ଠ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ଡବଲ ଇଂଜିନ ସରକାରରେ ଓଡିଶା ସ୍ୱାର୍ଥକୁ ଅବହେଳା କରାଯାଇଛି । ବିଜେପି ବିଧାୟକ ଅଶୋକ ମହାନ୍ତି ଏସବୁର ଜବାବ ଦେଇ କହିଛନ୍ତି, ବିଜେପି ଯେତିକି ପାରିଛି ସେତିକି କରିଛି । ବର୍ଷପୂର୍ତ୍ତି ପାଳନକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସଫଳତା ଓ ବିଫଳତାର ଲଢେଇ ଆରମ୍ଭ ହୋଇଛି । ବିଜେଡି ଲୋକଙ୍କ ସ୍ୱର ସାଜି ସରକାରଙ୍କ ସତର ଜବାବ ଦେବାକୁ ପ୍ରସ୍ତୁତ ହେଉଛି । କଂଗ୍ରେସ ଗାଁ ଗାଁରେ ବିଜେପି ସରକାର ବିରୋଧରେ ଜନ ସଚେତନ କରିବାକୁ ଅଣ୍ଟା ଭିଡିଛି । ବିଜେପି କିନ୍ତୁ ସଫଳତାର ଗ୍ରାଣ୍ଡ ଉତ୍ସବ ପାଳନ କରିବାକୁ ବଡ ଧରଣର ସଜବାଜ ଆରମ୍ଭ କରିଛି ।

## ଖଣ୍ଡଗିରିରେ ଆମ ବସ ଦୁର୍ଘଟଣା, ବୃଦ୍ଧଙ୍କୁ ପିଟି ଘୋଷାଡ଼ି ନେଲା ଆମ ବସ



ଭୁବନେଶ୍ୱର,୨୮।୫(ପି.ଏନ): ଭୁବନେଶ୍ୱରର ଖଣ୍ଡଗିରିରେ ଆମ ବସ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ । ବୃଦ୍ଧଙ୍କୁ ଧକ୍କା ଦେବା ସହିତ ଘୋଷାଡ଼ି ନେଲା ଆମ ବସ । ମୃତକ ଭିମଟାଙ୍ଗି ଅଞ୍ଚଳରେ ୫୫ ବର୍ଷୀୟ ତ୍ରିନାଥ ବାରିକ । ସେ ଆଇଗିଣିଆର ଏକ ବାଇକ ସୋରୁମରେ କାମ କରନ୍ତି । ଆଜି ସନ୍ଧ୍ୟାରେ ସିକୁରିଟି ଗାର୍ଡ ଡିୟୁଟି ସାରି ଫେରୁଥିବା ବେଳେ ଖଣ୍ଡଗିରି ଛକରେ ଆମ ବସ ଧକ୍କା ଦେଇ ଘୋଷାଡ଼ି ନେଇଥିଲା । ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଉତ୍ତ?ଜନା ପ୍ରକାଶ ପାଇଥିଲା । ଏପରିକିରି ପଛରେ ଆସୁଥିବା ଅଉ ଏକ ଆମ ବସକୁ ଉତ୍ୟକ୍ତ ଲୋକେ ଢେଲା ପଥର ମାଡ଼ କରି ବସର କାଚ ଭାଙ୍ଗିଦେଇଥିଲେ । ମୃତଦେହ ରଖି ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ସହତ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ମୃତଦେହକୁ ଛାଡ଼ିଥିଲେ ଲୋକେ। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## ଜଙ୍ଗଲୀ ମାଙ୍କଡ ଏବେ ଖାଦ୍ୟ ଅନ୍ୱେଷଣରେ

ବଙ୍ଗୋମୁଣ୍ଡା, : ହନୁମାଙ୍କଡ଼ ଜଙ୍ଗଲି ଖାଦ୍ୟ ନ ପାଇ ଏବେ ମଣିଷ ଖାଦ୍ୟ ଖାଇବାକୁ ଭଲ ପାଇଲିଣି କାରଣ ନିକଟରେ ଥିବା ସଂରକ୍ଷଣ ଜଙ୍ଗଲ ଲୋକଙ୍କ ଲୋଲୋପଶିକାର ହୋଇ ବଡ଼ ବଡ଼ଗୋଲମ ଧ୍ୱଂସ ପାଇଯିବା ଫଳରେ ଏବିରଳ ପ୍ରଜାତିର ହନୁମାଙ୍କଡ଼ ଗାଁ ଓ ସହର ମୁହାଁଆ ବର୍ତ୍ତମାନ ସେମାନଙ୍କ ଜୀବନ ସୁରକ୍ଷା ପାଇଁ ଏବଂ ଖାଦ୍ୟ ଅନ୍ୱେଷଣରେ। ଏପରିକିଅନୁମାନ କରାଯାଉଛି ଯେ ମଣି ସହିତ ସେମାନଙ୍କୁ ମିଶି ଗଲେଣି, ମଣିଷ ହାତରେ ଖାଦ୍ୟ ଦେଲେ ଆନନ୍ଦରେ ଖାଉଛନ୍ତି।

## ଖାଦ୍ୟ ନିରାପତା ଓ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ ୨୦ହଜାର ଟଙ୍କା ଚୋରିମନା ଓ ଘରୋଇ ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ

ତାଳଚେର, ୦୪/୦୧ ତାଳଚେର ସହର ବାଣିଜ୍ୟ ପେଣ୍ଟସ୍ଥଳୀ କୁହାଯାଉଥିବା ହାଟଡୋଟା ମାର୍କେଟରେ ଆଜି ଖାଦ୍ୟନିରାପତା, ଯୋଗାଣ ବିଭାଗ ଓ ପୋଲିସ ସହାୟତାରେ ବିଭିନ୍ନ ଦୋକାନ ଯଥା ହୋଟେଲ, ଢ଼ାବା, ଫାଷ୍ଟଫୁଡ଼ ଓ ଜଳଖିଆ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇଥିଲା । ଦୋନୀମାନେ ଅସ୍ୱାସ୍ଥ୍ୟକର ପରିବେଶ ସହିତ ବିଭିନ୍ନ ରାସାୟନିକ ରଙ୍ଗଦେଇ ଭେଜାଲ ସାମଗ୍ରୀରେ ଖାଦ୍ୟ ପ୍ରସ୍ତୁତ କରି ଗ୍ରାହମାନଙ୍କ ମନକୁ ଆକୃଷ୍ଟ କରି ବ୍ୟବସାୟ କରିଥାନ୍ତି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଆଜି ଖାଦ୍ୟନିରାପତା



ବିଭାଗ ପକ୍ଷରୁ ତାଳଚେର ଟାଉନ ଠାରୁ ଆରମ୍ଭକରି ପ୍ରାୟ ୩କିମି ବ୍ୟାପି ହାଟଡୋଟା ପର୍ଯ୍ୟନ୍ତ ଦୋକାନ ଗୁଡ଼ିକ ଯାଂଚ କରିବା ସହ ସେମାନଙ୍କ ନିକଟରୁ ୨୦ହଜାର ଟଙ୍କା ଜୋରିମନା ଆଦାୟ କରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି । ସେହିପରି ହାଟଡୋଟା ସ୍ଥିତ ଏକ ମିଠା ଦୋକାନରୁ ୨୦ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିବା ସହ ହୋଟେଲ ଥିବା ବାସିଖାଦ୍ୟକୁ ନଷ୍ଟ କରି ଦିଆଯାଇଥିଲା ଜଣାପଡ଼ିଛି । ଏହି ଚଢ଼ାଉରେ ଖାଦ୍ୟ ନିରାପତା ଅଧିକାରୀ ସୁମିତ ପରିଡ଼ା ଓ ତାଳଚେର ଟାଉନ ପୋଲିସ୍ ଉପସ୍ଥିତ ଥିଲେ । ତେବେ ତାଳଚେରରେ ରହିଥିବା ବଡ଼ବଡ଼ ନାମୀଦାମୀ ହୋଟେଲ ଠାରୁ ଆରମ୍ଭ କରି ଏହି ଘରୋଇ ଗ୍ୟାସର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ।

## ବଜ୍ରପାତ ଏବଂ ବିଜୁଳି ରୁ ସୁରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ

ରାୟଗଡ,(ପି.ଏନ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚ଼ାଳନା କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଜୁଳି, ଘଡଘଡି ପ୍ରତି ସଚେତନ ହେବା ନିମନ୍ତେ ଏକ ପ୍ରଚ଼ାର ରଥକୁ ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ରାୟଗଡ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଂଚ଼ାୟତ ଓ ପୋ ?ରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡଘଡି, ବିଜୁଳି ସମୟରେ କିପରି ନିଜକୁ ସୁରକ୍ଷିତ ରଖିହେବ ତାହା ଉପରେ ଲୋକଙ୍କୁ ବୁଝାଇ ପ୍ରଚ଼ାର କରିବ । ରାୟଗଡ ଜିଲ୍ଲାର ଭୌଗଳିକ ସ୍ଥିତିରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜଣ ସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚ଼ନ୍ଦ୍ର ନାୟକ, ନିହାର ରଞ୍ଜନ କହଁର,ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଉପ ଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନା, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚ଼ନା ଓ ଲୋକ



ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାର ସମସ୍ତ ତହସିଲଦାର, ଗ୍ରନ୍ଥାଗାରିକ ଡମ୍ବରୁ ଧର ପଣ୍ଡା, ସୁଭାଷ କେର୍କେଟା, ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ରାଜେନ୍ଦ୍ର ଦୋରା, ରଞ୍ଜିତ ପିରିବାକା, ଚ଼ନ୍ଦ୍ରଶେଖର ଗୁଡ଼ଲା ପ୍ରମୁଖ ପରିଚ଼ାଳନା କରିଥିଲେ।

## ବାଣୀପୀଠ ପୁରସ୍କାର ପାଇଲେ ପ୍ରଧାନଶିକ୍ଷକ 'ଶ୍ରୀଯୁକ୍ତ ହୃଦାନନ୍ଦ ମେହେର '



ସିନାପାଲି, ମୟୁରଭଞ୍ଜ ବଡ଼ସାହିଠାରେ ରାଜ୍ୟ ସ୍ତରୀୟ ଶିକ୍ଷା ସଂସ୍କୃତି ଓ କଳା ପାଇଁ ଉତ୍ସର୍ଗୀ କୃତ ଅନୁଷ୍ଠାନ ବାଣୀପୀଠ ଦ୍ୱାରା ଆୟୋଜିତ ଚତୁର୍ଦ୍ଦ ବର୍ଷୀୟ ମହୋତ୍ସବରେ ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ବ୍ଲକର ଫଳସାପଡା ଉପ୍ରା ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ହୃଦାନନ୍ଦ ମେହେରଙ୍କୁ ଅନୁଷ୍ଠାନ ର ଶ୍ରେଷ୍ଠ ପୁରସ୍କାର ବାଣୀପୀଠ ସମ୍ମାନରେ ସମ୍ମାନିତ କରାଯାଇଛି ।ଗତ ତା ୨୯/୧୨/ ୨୦୨୪ ରିଖ ମହୋତ୍ସବର ଉଦଯାପନୀ ସମାରୋହରେ ହଜାର ହଜାର ଦର୍ଶକଙ୍କ ସମାଗମ ଓ ସାହିତ୍ୟିକ, କବି, ଲେଖକ ତଥା କଳାକାର ମାନଙ୍କ ବିରାଟ ସମାବେଶରେ ଶ୍ରୀ ମେହେରଙ୍କୁ ଏକଲକ୍ଷ ଟଙ୍କାର ପଲିଶିବଣ୍ଡ ସହ ମାନପତ୍ର ପଦକ ଓ ଉପ ଢୌକନ ପ୍ରଦାନ କରାଯାଇଥିଲା ।ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ପାଇଁ ତାଙ୍କର ବିଶେଷ ଅବଦାନସକାଶେ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି । ଏଥି ପୂର୍ବରୁ ଶ୍ରୀ ମେହେର ଜାତୀୟ ଓ ରାଜ୍ୟସ୍ତରରେ ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ତଥା ସମ୍ବର୍ଦ୍ଧିତ ହୋଇସାରିଛନ୍ତି । ଗତବର୍ଷ ଆଦର୍ଶ ପ୍ରଧାନ ଶିକ୍ଷକ ଭାବରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସ୍ତରୀୟ 'ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସେ ପ୍ରାପ୍ତ କରିଥିଲେ । ଜଣେ ପ୍ରଧାନ ଶିକ୍ଷକ ଭାବରେ ସମ୍ମାନ ଜନକ ଏହି ବାଣୀ ପୀଠ ପୁରସ୍କାର ପାଇବା ଜାଣି ସିନାପାଲି ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି ।ଶ୍ରୀ ମେହେରଙ୍କୁ ଅନେକ ଅନୁଷ୍ଠାନ,ବ୍ୟକ୍ତି ବିଶେଷ ତଥା ଛାତ୍ରଛାତ୍ରୀ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି । ଶିକ୍ଷକ ଶ୍ରୀ ମେହେର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ଶିକ୍ଷା, ସଂସ୍କୃତି ତଥା କଳାର ବିକାଶ ପାଇଁ ଉଦ୍ୟମ ଜାରି ରହିବା ସହ ଏଥିପାଇଁ ଏକ ସକରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ଆହୁରି ଆନ୍ତରିକ ପ୍ରୟାସ ଜାରିରଖିବେ ।



ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି, ଉପସ୍ଥିତ ଅତିଥି ବରଗଡ଼ ଏମ.ପି ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ , ବରଗଡ଼ ବିଧାୟକ ଶ୍ରୀଯୁକ୍ତ ଆଶ୍ୱିନ ଷଡଙ୍ଗୀ, ବିଜେପୁର ବିଧାୟକ ଶ୍ରୀଯୁକ୍ତ ସନତ ଗଡତିଆ, ଅତାବିରା ବିଧାୟକ ଶ୍ରୀଯୁକ୍ତ ନିହାର ରଞ୍ଜନ ମହାନନ୍ଦ , ବରଗଡ଼ ଜିଲ୍ଲାପାଳ ଶ୍ରୀଯୁକ୍ତ ଆଦିତ୍ୟ ଗୋୟଲ , ବରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସାଏ ମୀନା ଏବଂ ଧନୁଯାତ୍ରା ମହୋତ୍ସବ କମିଟି ବୃନ୍ଦ । ଦୀର୍ଘ ଦଶ ଦିନ ଚାଲିବ ଏହି ମହୋତ୍ସବ

## ଠୋଙ୍ଗୋ ଗ୍ରାମରେ ବେଆଇନ ମଦ ଦୋକାନକୁ ଜାଳିଦେଲେ ମହିଳା

କୋମନା:- (ଅନୁଧ୍ୟାନ ନିଉଜ)ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ ଦୋକାନ ଛତୁଫୁଟିଲା ଭଳି ଖୋଲିଛି । ମଦ ପିଇ ପ୍ରାୟ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ପୋଲିସଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିଲା । ଶେଷରେ ମହିଳାମାନେ ମଦ ଦୋକାନରେ ନିଆଁ ଲଗାଇ ଜାଳି ଦେଇଛନ୍ତି । ଏନେଇ ଉଭୟ ପକ୍ଷରୁ ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି



ରଖିଛି ।ପ୍ରାପ୍ତ ସୂଚନା ଅନୁସାରେ ଠୋଙ୍ଗୋ ଗାଁକୁ ନେଇ ୪ ୱାର୍ଡ ରହିଥ ?ିବାବେଳେ ୪ଟି ବେଆଇନ ମଦ କୋଠି ରହିଛି । ଅଞ୍ଚଳର ଲୋକେ ଏଠାକୁ ଆସି ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି । ଏହାକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳର ୪୫ ରୁ ଉର୍ଦ୍ଧ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ଦୁଇ ଗୋଟି ମଦ କୋଠି ଜାଳିଦେଇଥିଲେ ।ପରେ ଆଜି ଶତାଧିକ ମହିଳାପୁରୁଷ ତରବୋଡ ଫାଣ୍ଡିକୁ ଆସି ବେଆଇନ ମଦ କୋଠି ସମ୍ପୂର୍ଣ୍ଣ ବନ୍ଦ ନ କଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ।

## ବନ୍ତୋଲ ଗ୍ରାମବାସୀଙ୍କ ଧମକ ପରେ ଅଣ୍ଡପାସ୍ ବ୍ରିଜର ଭୂମି ପୂଜନ

ତାଳଚେର, ୦୪/୦୧ ତାଳଚେର ବ୍ଲକ ଅନ୍ତର୍ଗତ ବନ୍ତୋଲ କୁକୁଡୁଲାର ବହୁ ପ୍ରତିକ୍ଷୀତ ବନ୍ତୋଲ ରେଳଫାଟକ ଠାରେ ପ୍ରସ୍ତାବିତ ରେଳ ଅଣ୍ଡରପାସ୍ ବ୍ରିଜ ନିର୍ମାଣର ଶୁଭ ଭୂମିପୂଜନ ଉତ୍ସବରେ ଆଜି ମୁଖ୍ୟ ଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀୟ ଅତିଥିଭାବେ ରେଲୱେ ଡ଼େପୁଟି ଇଂ ଶୈଳେନ୍ଦ୍ର ନାୟକ ଓ ଗ୍ରାମାବୀସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଣ୍ଡପାସ୍ ନିର୍ମାଣ ନେଇ ବହୁ ବର୍ଷରୁ ବନ୍ତୋଲ ପଂଚାୟତ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଆପତି ଅଭିଯୋଗ, ଧାରଣା। ଇତ୍ୟାଦି ଦେବାପରେ ରେଲୱେ କର୍ତ୍ତୁପକ୍ଷ କର୍ଣ୍ଣପାତ କରୁନଥିବାରୁ ସେମାନେ ବାଧହୋଇ ଆଗକୁ ଆନ୍ଦୋଳନ କରିବାକୁ କଡ଼ା ଚେତାବନୀ ଦେଇଥିଲେ । ଏହାର ଫଳସ୍ୱରୂପ ରେଲୱେ କର୍ତ୍ତୁପକ୍ଷ ହୃଦୟଙ୍ଗମ କରି ସର୍ବଶେଷର ମୁଣ୍ଡ ନଇବାକୁ ବାଧହେଲା । ପ୍ରକାଶ ଥାଉକି, ଏହି ବନ୍ତୋଲ ରେଳ ଫାଟକ ଦେଇ ଅହରହ ଟ୍ରେନ ଚଳାଚଳ ଜନିତ ଦୈନିକ ପ୍ରାୟ



୧୮ ଘଂଟା ଫାଟକ ପଡ଼ି ରହୁଥିବାରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ପଥଚାରୀ, ଗ୍ରାମବାସୀ ସମେତ ୪ଟି ପଂଚାୟତବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଟ୍ରେନ ଚଳାଚଳ ଯୋଗୁଁ ଫାଟକର ଉଭୟପାର୍ଶ୍ୱରେ କି ଶୀତ, କି ଖରାରେ ଦୀର୍ଘ ସମୟ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼ିଥାଏ । ତାଳଚେରରୁ ପ୍ରଚୁର ରାଜସ୍ୱ ଯାଉଥିଲେ ମଧ ରେଳକର୍ତ୍ତୁପକ୍ଷ ଏହାକୁ କାହିଁକି ଯେ, ଏଡ଼ାଇ ଦେଉଥିଲେ ସେଥିନେଇ ବିଭିନ୍ନ କଳ୍ପନଜ୍ଞ ?ନା ବୃଦ୍ଧି ପାଇବା ସହ ତାଳଚେର ଚର୍ତୁପାର୍ଶ୍ୱରେ ରହିଥିବା ଅନ୍ୟାନ୍ୟ ଫାଟକ ଗୁଡ଼ିକରେ କେବେ ଅଣ୍ଡରପାସ ନିର୍ମାଣ ହେବ ଓ ସ୍ଥାନୀୟ ଲୋକେ ଏଥିରୁ କେବେ ଆଶ୍ୱସ୍ତି ପାଇବେ ତାକୁ ନେଇ ଆଶା ଆଶଙ୍କାରେ । ତେବେ ଏହି ଅଣ୍ଡରପାସ୍ ବ୍ରିଜ ନିର୍ମାଣ କେତେ ଦୂର ହେଉଛି ତାହା ଦେଖିବାକୁ କେବଳ ବାକି ରହିଲା ।

## ଚାଷିଙ୍କୁ କ୍ଷତିପୂରଣ ଦେବା ଦାବୀରେ ସିପିଆଇ (ଏମ୍)ର ରଣପୁରରେ ବିକ୍ଷୋଭ

ରଣପୁର, : ଗତ ସପ୍ତାହକ ତଳେ, ଅଦିନିଆ ଲଗାଣ ବର୍ଷା ରେ ରଣପୁରରେ ଚାଷୀଙ୍କ ପାଚିଲା ଧାନରେ ପାଣି ମାଡି ଗଜା ହେବା, କଟା ଧାନ ନଷ୍ଟ ହେବା ସହ ରବି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ରୂଣ ଛାଡ,ବ୍ୟାପକ ନୂଆ କୃଷି ରୁଣ ପ୍ରଦାନ, ବିନା କଟନୀ ଛଟନୀ ରେ ତୁରନ୍ତ ଚାଷିଙ୍କ ଠାରୁ ଧାନ କ୍ରୟ ଏବଂ ୨୦୧୫ ର ଚାଷୀ କ୍ଷତିପୂରଣ ରାଶିର ସଂଶୋଧନ ପାଇଁ ଦାବୀ କରିଥିଲେ।



ବେଳେ ଚାଷୀ ମାନେ ମାନସିକ ଭାବେ ଭାଙ୍ଗି ପଡି ମୁଣ୍ଡ ରେ ହାତ ଦେଇ ବସିଛନ୍ତି । ସରକାର ବେସାହାରା ଚାଷୀଙ୍କୁ ଶୀଘ୍ର କ୍ଷୟ କ୍ଷତି ଆକଳନ କରି କ୍ଷତି ପୂରଣ ବାବଦକୁ ସହାୟତା ପ୍ରଦାନ କରିବାକୁ ସିପିଆଇ (ଏମ) ରଣପୁର ଆଞ୍ଚଳିକ କମିଟି ତରଫରୁ ୩୦/୧୨ ପୂର୍ବାହ୍ନ ରେ ଶତାଧିକ ଚାଷୀ ଗଜା ଧାନ ଧରି ରଣପୁର ପଞ୍ଚୁଦୋଳ ପଡିଆ ରୁ ଏକ ଶୋଭାଯାତ୍ରା ରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ 'ଗଣ ବିକ୍ଷୋଭ' ସଂଗଠିତ ହୋଇ କରିଥିଲେ । ସାଥୀ ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବକ୍ତା ମାନେ ପ୍ରଶାସନ ତରଫରୁ ଯଥା ଶୀଘ୍ର ସଠିକ ତଦନ୍ତ,ଚାଷୀଙ୍କୁ କ୍ଷତିପୂରଣ ଏକର ପିଛା ୨୫ ହଜାର ଟଙ୍କା ପ୍ରଦାନ, ଚାଷୀ ସରକାର ଏଥିରେ ବ୍ୟତିକ୍ରମ କଲେ ଭବିଷ୍ୟତ ରେ ରଣପୁର ଚାଷୀ ମାନଙ୍କ ଦ୍ୱାରା ଦୃଢ଼ ଆନ୍ଦୋଳନ କରାଯିବ ବୋଲି ପାର୍ଟି ତରଫରୁ ଚେତାବନୀ ଦିଆ ଯାଇଛି । ଏହି ବିକ୍ଷୋଭ ଆନ୍ଦୋଳନ ରେ ପାର୍ଟିର ଜିଲ୍ଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର,ବରିଷ୍ଠ ନେତା ଗଙ୍ଗାଧର ଆଚାର୍ଯ୍ୟ, ନିତ୍ୟାନନ୍ଦ ପରିଡା, ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ଉଚ୍ଚ ନ୍ୟାୟାଳୟର ଆଇନଜୀବୀ କବିରାଜ ପ୍ରଧାନ , ମହିଳା ନେତ୍ରୀ ସଂଯୁକ୍ତା ସେଠୀ, ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ଭିକାରୀ ଚରଣ ସାହୁ,ସବ୍ୟସାଚୀ ସେନାପତି,କୁଳମଣି ପଲେଇ ଓ ବିଜୟ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ହାତୀ ପାଦ ଚିହ୍ନରେ ରକ୍ତ ଛିଟା, ଡ୍ରୋନ୍ ଦ୍ୱାରା ଯାଞ୍ଚ

ତେଲକୋଇ-କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ରହି ଆସିଛି । ଦୀର୍ଘ ଦୁଇମାସ ହେବ ତେଲକୋଇ ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ହାତୀ ପଲ ଉପଦ୍ରବ ଚଳାଇ ଆସୁଛନ୍ତି । ଏବେ କାଳିଆହତା ଫରେଷ୍ଟ ବିଟ୍ ରେ ୪୧ ଟିକିଏ ହାତୀ ପଲ ଡେରା ପକାଇଥିବା ବେଳେ ସେ ଅଞ୍ଚଳରେ ଉପଦ୍ରବ ମଧ କରୁଛନ୍ତି ।କାଳିଆହତା ଫରେଷ୍ଟ ବିଟ୍ ବେଣାମୁଣ୍ଡା ଗାଁ କୁମ୍ଭାର ସାହି ଜଙ୍ଗଲ ନିକଟରେ ହାତୀ ପାଦ ଚିହ୍ନରେ ରକ୍ତ ଛିଟା ଦେଖିବାକୁ ମିଳିଛି । କୌଣସି ଏକ ହାତୀ ଗୋଡ଼ରେ କ୍ଷତ ଥିବା ନେଇ ସନ୍ଦେହ କରାଯାଉଛି । ଫଳରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ୱି ବିତରଣ କରୁଥିବା ସ୍ଥାନରେ ବ୍ୟାପକ ଯାଞ୍ଚ କରିଛନ୍ତି । ସେଠାରେ ହାତୀପଲ



ରହିଥିବା ବେଳେ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ହାତୀ ମାନଙ୍କୁ ନିରୀକ୍ଷଣ କରଯାଇଛି ।ଶିକାରୀ ର ତୀରମାଡ ହେଉ କିଂବା କୌଣସି କାରଣରୁ ହେଉ ହାତୀ ପାଦ ରୁ ରକ୍ତ ପଡୁଥିବା ପାଦଚିହ୍ନ ରୁ ଜଣାପଡୁଛି । ଏ ସମ୍ପର୍କରେ ରେଞ୍ଜର ଶିବାଜୀ ମୋହନ ରାଓଙ୍କୁ ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ହାତୀ ମାନଙ୍କୁ ଡ୍ରୋନ ଦ୍ୱାରା ନିରୀକ୍ଷଣ କରଯାଇଛି । ଏ ପର୍ଯ୍ୟନ୍ତ କୌଣସି କାରଣ ଜଣା ପଡ଼ି ନାହିଁ।

## ପୂର୍ଣ୍ଣ ସମର୍ଥନ ସହ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣୀ ଶେଷ



କଳିଙ୍ଗନଗର /ଦାନଗଦୀ (ପି.ଏନ୍) : ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ନୂତନ କାରଖାନା ପ୍ରତିଷ୍ଠା ନିମନ୍ତେ ବିଗତ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ଦାନଗଦୀ ବ୍ଲକ ଅନ୍ତର୍ଗତ ଜଖପୁରା ଗ୍ରାମରେ ମେସର୍ସ ସିରିଏସ୍ ସ୍ୱ ?ଶାଲିଷ୍ଟ କେମିକାଲ ପ୍ରାଇଭେଟ ଲିମିଟେଡ ଦ୍ୱାରା ପ୍ରସ୍ତାବିତ ଗ୍ରୀନଫିଲ୍ଡ ୨୦୦୦୦୦ ଟି.ପି.ଏ କ୍ଷମତା ବିଶିଷ୍ଟ କୋଲତାର ଡ଼ିଷ୍ଟିନେସନ ୟୁନିଟ୍ ଓ ୧୦୦୦୦୦ ଟି.ପି.ଏ କ୍ଷମତା ବିଶିଷ୍ଟ କାର୍ବନ୍ ବ୍ଲାକ୍ ସହିତ ୧୧ ମେଗାୱାଟ୍ ପାୱାର ପ୍ଲାଣ୍ଟ ନିମନ୍ତେ ପରିବେଶ ମଞ୍ଜୁରୀ ପାଇଁ କାରଖାନା ର ନିକଟବର୍ତ୍ତୀ ପଞ୍ଚାୟତ ମାନଙ୍କରୁ ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଲୋକଙ୍କ ପରାମର୍ଶ ଲୋଡ଼ା ଯାଇଥିଲା କ୍ଷ ଦାନଗଦୀ ଭବନ ଠାରେ ଅନୁଷ୍ଠିତ ଏହି ଜନଶୁଣାଣି କୁ ପୂର୍ଣ୍ଣ ବହୁମତ ମିଳିଥିବା ବେଳେ କମ୍ପାନୀ ପକ୍ଷରୁ ସ୍ଥାନୀୟ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ନିହାର ରଂଜନ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ସହ ପୋଲିସ୍ ପ୍ରଶାସନ ର ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ କ୍ଷ ଆଇନ୍ ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟିରେ ରଖି ପ୍ରଯ୍ୟାପ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା ।

## କଲରା ପତରିଆ ହାବୁଡ଼ରେ ୨୦ ରୁ ଉର୍ଦ୍ଧ ମେଣ୍ଢା, ୧୧ ମୃତ ୧୦ ରୁ ଉର୍ଦ୍ଧ୍ୱ ଗୁରୁତର

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବାଗବାହାଳ ଭୋଇ ପଡ଼ାରେ କଲରା ପତରିଆ ବାଘ ଆତଙ୍କ ଖେଲାଇଛି । ବାଗ ବାହାଲ ଗ୍ରାମର ମେଣ୍ଢା ମାଲିକ ଭଜ ହାତୀ ରାତ୍ରୀରେ ଶୋଇ ଥିବା ସମୟରେ ଅର୍ଦ୍ଧ ରାତ୍ରୀରେ ଦୁଇ ରୁ ଅଧିକ କଲରା ପତରିଆ ବାଘ ମେଣ୍ଢା ଗୁହାଳ କୁ ପଶି ୧୦ ରୂ ଉର୍ଦ୍ଧ ମେଣ୍ଢା କୁ ମାରି ଖାଇଥିବା ବେଳେ ୧୦ ରୁ ଉର୍ଦ୍ଧ ମେଣ୍ଢା କୁ ଆକ୍ରମଣ କରିଛି । ଏମିତିକି ତିନିରୁ ଚାରି ମେଣ୍ଢାଙ୍କୁ ସ୍ଥାନୀୟ ବୁଦା ମୂଳରେ ଖାଇ ଅଧା ଅଧା ଛାଡ଼ି ଚାଲିଯାଇଛନ୍ତି । ବାଘ କାମୁଡ଼ାରେ ଗୁରୁତର ମେଣ୍ଢା ମାନେ ମଧ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । ବାନ ବିଭାଗ ତରଫରୁ ସେମାନଙ୍କର ଚିକିତ୍ସା ଜାରି ରହିଛି ।ଏହାର ଆନୁମାନିକ ମୁଖ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି । ପରେ ଭଜ ହାତୀ ର ପରିବାର ଲୋକ ଜାଣି ହୋ ହାଲ୍ଲା ହେବାପରେ ବାଘ ମେଣ୍ଢା ମାନଙ୍କୁ ଛାଡି ନିକଟସ୍ଥ ଜଙ୍ଗଲ କୁ ଚାଲି ଯାଇଥିବା କହିଛନ୍ତି । ଏହା ଜାଣି ପାରି ପ୍ରଥମେ ବନ ବିଭାଗ କର୍ମଚାରୀ ସାରଦା ବଦମାଝି ଓ ୱାଚର୍ ବିଦ୍ୟାଧର ମାଝୀ ଘଟଣା ସ୍ଥଳରେ ପହଞ୍ଚି ଘଟଣା ର ତଦନ୍ତ କରି ଘଟଣା



ଉପରେ ବୁଝା ଶୁଝା କରି ପରିବାର ଲୋକଙ୍କୁ ଯଥା ଶୀଘ୍ର ଏହାର ସମାଧାନ କରାଯିବ ଓ ବିଭାଗୀୟ ଅଧିକାରୀ ଙ୍କୁ ଜଣାଇ କ୍ଷୟକ୍ଷତି ପ୍ରଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୁଣି ଗ୍ରାମରେ ଭୟରେ ବାତାବରଣ ଦେଖିବାକୁ ମିଳିଛି । ସମସ୍ତ ଭୟଭୀତ ଅଛନ୍ତି ଗାଁଟି ଶୂନଶାନ ଜଣାପଡୁଛି ।ଆଗକୁ ମଣିଷ ପ୍ରତି ବିପଦ ନ ହେବା ଆଗରୁ ବାଭଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି ।

## ଦିର୍ଘ ବର୍ଷ ହେବ ରାସ୍ତା ମରାମତି ନାହିଁ

ବରଗଡ, : ବରଗଡ ଜିଲ୍ଲା ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ବୁଡାମାଲ ଗ୍ରାମପଞ୍ଚାୟତର ଗୁଠୁର୍ଲା ଗ୍ରାମ ଠାରୁ ଲୁହାଖାନ ଗ୍ରାମକୁ ସଂଯୋଗୀକରଣ ଆରଡି ବିଭାଗର ରାସ୍ତା ଅତ୍ୟନ୍ତ ଶୋଚନୀୟ କଦର୍ଯ୍ୟ ଅବସ୍ଥାରେ ଦିର୍ଘ ବର୍ଷ ହେବ ପଡ଼ିରହିଛି ।ଏଇ ରାସ୍ତା ମାତ୍ର ଦୁଇ କିଲୋମିଟର ମଧ୍ୟରେ ହେବ । ଲୋକେ ତ ଲୋକେ ଏଇ ରାସ୍ତାରେ ଗୃହ ପାଳିତ ପଶୁ ମାନେ ମଧ ଯିବା ଆସିବାକୁ ଅମଙ୍ଗ ପ୍ରକାଶ କରୁଛନ୍ତି ।କାରଣ ରାସ୍ତା ଖରାପ ହୋଇ ଯାଇଥିବା କାରଣରୁ ମେଟାଲ ଗୁଡିକ ବାହାରି ଦନ୍ତୁରିତ ହୋଇ ଆବାଡା-ଖାବଡା ହୋଇ ଯାଇଛି । ପ୍ରତ୍ୟହ କୌଣସି ନାଁ କୌଣସି ଦୁର୍ଘଟଣା ହେବାରେ ଲାଗିଛି । ଏଇ ରାସ୍ତା ଦେଇ ଛାତ୍ରଛାତ୍ରୀ ମାନେ ବହୁ କଷ୍ଟରେ କଲେଜ ଯିବା ଆସିବା କରୁଛନ୍ତି । ଏ ସମ୍ପର୍କରେ ବାରମ୍ବାର ବିଭିନ୍ନ ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶିତ ହେବା ପରେ ମଧ ଆର.ଡି ବିଭାଗ ନିରବଦ୍ରଷ୍ଟା ସାଜିଛି ।

## ବିଦ୍ୟାଳୟର ନାଁ ରେ ଜମି ପଟ୍ଟା ହସ୍ତାନ୍ତର



ଭଟଲି, : ପୂର୍ବରୁ କେବଳ ଶିକ୍ଷା ବିଭାଗ ନାମରେ ସମସ୍ତ ବିଦ୍ୟାଳୟର ଜମି ପଟ୍ଟା ଥିଲା କିନ୍ତୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ନାମ ପରିବର୍ତ୍ତନ ହୋଇ ବିଦ୍ୟାଳୟର ନାମରେ ଜମି ପଟ୍ଟା ଦେବାପାଇଁ ସ୍ଥିରୀକୃତ ହେଇଥିଲା । ତେଣୁ ଭଟଲି ତହସିଲ୍ କାର୍ଯ୍ୟାଳୟରେ ଆଜି ଭଟଲି ବ୍ଲକ୍ ଅନ୍ତର୍ଗତ ୪୬ ଗୋଟି ବିଦ୍ୟାଳୟର ଜମି ପଟ୍ଟା ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଙ୍କୁ ହସ୍ତାନ୍ତର କରାଗଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ମଇ ୨୯**

# ବଳି ଦେବା ଏକ ମନୁଷ୍ୟକୃତ ଚିନ୍ତାଧାରା

**ପ୍ରଦୀପ୍ତ କୁମାର କର**

କେଉଁ ଆବହମାନ କାଳରୁ ବଳି ପ୍ରଥା ଚାଲି ଆସିଛି ।ହଳଦୀ କିଆରିରେ ଭଲ ଫସଲ ପାଇଁ ଆଦିବାସୀ ମାନେ ଏକ ନିଖୁଣ ପୁରୁଷ କୁ ଧରିଆଣି ଧରଣିପେନୁ କୁ ବଳି ଦେଉଥିଲେ ।ରାଜା ମାନେ କେତେକ ସ୍ଥାନରେ ନିଜର କାର୍ଯ୍ୟ ସିଦ୍ଧି କରିବା ପାଇଁ ମଧ୍ୟ ମନୁଷ୍ୟ ବଳି ଦେଉଥିଲେ । ପୃଥିବୀର ଅନେକ ସ୍ଥାନରେ ଆଦିବାସୀ ମାନଙ୍କ ମଧ୍ୟରେ ମନୁଷ୍ୟ ବଳିର ପ୍ରଚଳନ ଥିଲା । ଏତ ଗଲା ମନୁଷ୍ୟ ବଳି କଥା ।କିନ୍ତୁ ନିରୀହ କଥା କହି ପାରୁ ନ ଥିବା ପଶୁ ପକ୍ଷୀ ମାନଙ୍କୁ ବଳି ଦେବା ପ୍ରଥା ଏବେ ମଧ୍ୟ ଅନେକ ସ୍ଥାନରେ ସର୍ବସାଧାରଣ ରେ ପ୍ରଚଳିତ ଅଛି । ଆଶ୍ଚର୍ଯ୍ୟ ଲାଗେ ଯେ କୌଣସି ପୁରୁଷ ଦେବତା ଙ୍କ ମନ୍ଦିର ରେ ବଳି ଚଢେ ନାହିଁ ।କେବଳ ଦେବୀ ମନ୍ଦିର ମାନଙ୍କରେ ବଳି ର ପ୍ରଚଳନ ରହିଛି ।ସେ ଦୁର୍ଗା ,ବିମଳା ,ଚଣ୍ଡୀ , କାଳି,ଭୈରବୀ ଆଦି ଯେତେ ଦେବୀ ଅଛନ୍ତି ସେସବୁ ର ଅନେକ ମନ୍ଦିର ରେ ଅନେକ ପର୍ବ ଅନୁସାରେ ଛେଳି ,ମେଣ୍ଢା ,ମଇଁଷି ,କୁକୁଡ଼ା , ପାରା ଇତ୍ୟାଦି କୁ ବଳି ଭାବରେ ଗ୍ରହଣ କରାଯାଏ ।କୌଣସି ହିଂସ୍ର ଜୀବଜନ୍ତୁ ଙ୍କୁ ବଳି ଦିଆଯାଏ ନାହିଁ ।ତାର କାରଣ ଗୋଟିଏ ହିଂସ୍ର ଜନ୍ତୁ କୁ ପ୍ରଥମତଃ ଧରିବା ମୁସ୍କିଲ ଯଦି ବା ଫାସ ପକାଇ ଧରା ହୁଏ ତେବେ ତାକୁ ବଳି କାଠ ପାଖକୁ ନେଇ ବଳି ଦେବା ଅତ୍ୟନ୍ତ କଠିନ ।ହାତୀ କୁ ମଧ୍ୟ କେହି ବଳି ଦିଅନ୍ତି ନାହିଁ। ଆମେ ମନୁଷ୍ୟ ମାନେ କୌଣସି ଏକ ଦେବୀ ଙ୍କୁ ମା ରୂପେ ପୂଜା କରନ୍ତି ତେବେ ସେ ମା କେବଳ ମନୁଷ୍ୟ ମାନଙ୍କର ମା ନୁହନ୍ତି ସେ ସମସ୍ତ ଇତର ଜୀବଜନ୍ତୁ ଙ୍କ ମଧ୍ୟ ମା ।ଯେପରି ଆମ ଜନ୍ମଦାତ୍ରି ମା କେବେବି ଆମର ବଳି ସ୍ୱୀକାର କରିପାରିବ ନାହିଁ ସେହିପରି ଜଗଜ୍ଜନନୀ ମା କେବେବି ସମସ୍ତ ପ୍ରାଣୀ ଜଗତର ମା ହୋଇ ତାଙ୍କ ସନ୍ତାନ ମାନଙ୍କ ବଳି କୁ କେବେବି ସ୍ୱୀକାର କରନ୍ତି ନାହିଁ ।କେବଳ ଆମ ମନୁଷ୍ୟ ସମାଜ ନିଜର ସ୍ୱାର୍ଥ ପାଇଁ ନିଜ ଆତ୍ମ ସନ୍ତୋଷ ପାଇଁ ହିଁ ଏହି ବଳି ପ୍ରଥା ସୃଷ୍ଟି କରିଛି ।ଏବେ ଅନେକ ଜାଗାରେ ଜନସଚେତନ ପାଇଁ ବଳି ପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି ।କିନ୍ତୁ ଏବେ ମଧ୍ୟ ଅନେକ ପ୍ରସିଦ୍ଧ ଜାଗା ମାନଙ୍କରେ ବଳି ପ୍ରଥା ପ୍ରଚଳିତ ଅଛି ।ଯଦି ଏହା ବନ୍ଦ୍ ହୁଏ ତେବେ ଅନେକ ଅଘଟଣ ଘଟିବ ,ପ୍ରଳୟ ହେବ ଏପରି ଅନେକ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ଲୋକଙ୍କୁ ଭକୁଆ ବାନାଇ ଏହାକୁ ଜବରଦସ୍ତ ଚଳାଇ ଆସୁଛନ୍ତି ।ଲୋକ ମାନେ ମଧ୍ୟ ଏପରି ମାନସିକତା କୁ ମୁଣ୍ଡ ପତେଇ ସହି ନେଉଛନ୍ତି ବିନା କୌଣସି ସ୍ୱରାଉତ୍ତଳନ କରି ।ସେହିପରି ଆମ ଓଡ଼ିଶାର ଏକ ପ୍ରସିଦ୍ଧ ମନ୍ଦିର ରେ ମଧ୍ୟ ଏହି କୁ ପ୍ରଥା ପ୍ରଚଳିତ ଅଛି ଯାହାକୁ କି କିଛି ଗୋଷ୍ଠୀ ନିଜ ସମର୍ଥନ ରେ ଚଳାଇ ଆସୁଛନ୍ତି ।ଲୋକମାନେ ଏତେ ଧର୍ମ ଭିରୁ ଯେ ପ୍ରକୃତ ସତ୍ୟ କୁ ସାମନା କରିବାକୁ କେହି ସତ୍ ସାହସ କରୁନାହାନ୍ତି କାରଣ ଏହା ଅନେକ ଯୁଗରୁ ପାଳିତ ହେଉଛି ।ଆମ ଭାରତ ଏକ ବୃହତ୍ ହିନ୍ଦୁ ରାଷ୍ଟ୍ର ବୋଲି ଆମେ ନିଜକୁ ଗର୍ବ ଅନୁଭବ କରନ୍ତି ।କିନ୍ତୁ କେବେ ବି ଯେଉଁ ମାନେ ବଳି ପ୍ରଥା କୁ ସମ୍ମାନ ଦିଅନ୍ତି ସେମାନେ ଚିନ୍ତା କରିଛନ୍ତି କି ହିନ୍ଦୁ ମାନେ କେବେ ହିଂସା ପରାୟଣ ନୁହନ୍ତି ।ଆମ ମନୁଷ୍ୟ ଶରୀର ରେ ଥିବା ଦାନ୍ତ ର ଗଠନ କେବଳ ଶାକାହାରୀ ଭୋଜନ ପାଇଁ ହିଁ ଭଗବାନ ସୃଷ୍ଟି କରିଛନ୍ତି । ମାଂଶାସି ପ୍ରାଣୀ ମାନଙ୍କ ଦାନ୍ତର ଗଠନ ଆମ ଠାରୁ ଅନେକ ଫରକ୍ କାରଣ ସେମାନେ ମାଛ ,ମାଂସ ଟାଣି କରି ଯେପରି ଖାଇ ପାରିବେ ।ଏହି ପାର୍ବଣ ରେ ଅନେକ ଜାଗାରେ ମା ଙ୍କ ପାଖରେ ମାଛ ବା ମାଂସ ଭୋଗ ହୁଏ କେବଳ ଲୋକ ମାନେ ଖାଇବା ପାଇଁ ।ମା ତ ତାହା ଗ୍ରହଣ କରନ୍ତି ନାହିଁ। ବଳି ର ପ୍ରକୃତ ଅର୍ଥ ହେଉଛି ଆମ ନିଜ ଭିତରେ ଥିବା କାମ ,କ୍ରୋଧ ,ଲୋଭ ,ମୋହ , ମାୟା,ଅହଙ୍କାର ,ହିଂସା ଓ ଅନ୍ୟ ଯେତେ ଦୂର୍ଗୁଣ ଅଛି ତାକୁ ମା ଙ୍କ ଚରଣ ରେ ବଳି ଦେବା ।ଯଦି ଏହି ଦୂର୍ଗୁନ ଗୁଡ଼ିକୁ ଆମେ ବଳି ଦେବା ତେବେ ଏ ସଂସାର ରେ ଏକ ଉତ୍ତମ ମନୁଷ୍ୟ ହୋଇ ପାରିବା । ଜୀବ ପ୍ରତି ଦୟା ଦେଖାଇବା ଏକ ମହତ୍ ଗୁଣ ଏହାକୁ ଭଗବାନ ବୁଦ୍ଧଦେବ ବାରମ୍ବାର କହୁଥିଲେ ।ହିନ୍ଦୁ ରାଷ୍ଟ୍ର ରେ ଗାଈ ଗୋରୁ ମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରାଯାଏ କିନ୍ତୁ କିଛି ଗୋ ତସ୍କର ଏହାକୁ ନିଜର ବ୍ୟବସାୟ କରିଛନ୍ତି ।ଲୋକେ ଗାଈ ମାନଙ୍କୁ କ୍ଷୀର ଦୁହିଁ ଚରିବା ପାଇଁ ବାହାରେ ଛାଡ଼ି ଦିଅନ୍ତି ଖୁବ୍ ଅଳ୍ପ ଖାଇବାକୁ ଦେଇ ।ଏହା ଏକ ଅକ୍ଷମଣୀୟ ଅପରାଧ। ଆମ ଦେଶରେ ଥିବା ବିଶ୍ୱହିନ୍ଦୁ ପରିଷଦ,ବା ଅନ୍ୟ ଯେତେ ସବୁ ଏହିପରି ସଂଗଠନ ମାନ ଅଛି ସେମାନେ ଏହି ଦୁଇଟି ଦିଗ ଯଥା ବଳି ପ୍ରଥା ଓ ଗୋ ସମାଜ ପ୍ରତି ସମ୍ମାନ ପ୍ରଦର୍ଶନ ପ୍ରତି ବିଶେଷ ଧ୍ୟାନ ଦେବା ନିହାତି ଜରୁରୀ ।ବର୍ତ୍ତମାନ ଆମ ଦେଶର ରାଜନୈତିକ ଦଳର ଲୋକ ମାନେ ଯେପରି ଭାବରେ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି ସେମାନେ କେବେବି ଏହି ଦିଗ ପ୍ରତି ଧ୍ୟାନ ଦେବେ ନାହିଁ। ସେମାନେ ମଧ୍ୟ ନିଜର ସ୍ୱାର୍ଥ ସାଧନ ପାଇଁ କିଛି ଭଣ୍ଡ ବାବା ଙ୍କ ଦ୍ୱାରସ୍ଥ ହୋଇ ମାଙ୍କ ପାଖରେ ବଳି ଚଢ଼ାନ୍ତି । ଏଥିପାଇଁ ଏକ ବିରାଟ ଜନ ସଚେତନତା ଆବଶ୍ୟକ ଦେଶର ପ୍ରତି ଗାଁ ,ସହର ସବୁ ଆଡ଼ ? ଏହି ବଳି ପ୍ରଥା ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତଳନ ଓ ସରକାରୀ ସ୍ତରରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର
୯୪୩୭୦୮୪୩୧୨.

# ମୋବାଇଲ ସୂଚନା ଓ ସେଲ ବ୍ରଡକାଷ୍ଟ ଆଲର୍ଟ ସୂଚନା



ଅଲେଖ ଚନ୍ଦ୍ର ସାମଲ

ସମସ୍ତଙ୍କର ଜୀବନ ଯାତ୍ରା ଠିକଠାକ ଥିଲା। ଦଶହରାକୁ ନେଇ ସମସ୍ତେ ନିଜ ନିଜକୁ ବ୍ୟସ୍ତଥିଲେ ହଠାତ୍ ମୋବାଇଲ ଫୋନ ତତ୍କାଳ ସାଇରନ ଭାବେ ସ୍କ୍ରିନରେ ଏକ ବାର୍ତ୍ତା ଆସିଥିଲା। ତେବେ ଅନେକ ଏହାକୁ ବୁଝି ପାରୁନଥିଲେ। ତେବେ ସାମାଜିକ ଗଣମାଧ୍ୟମରେ ଏହି ମୋବାଇଲ ସ୍କ୍ରିନର ବାର୍ତ୍ତା ଛାଇଗଲା କିନ୍ତୁ ବାସ୍ତବରେ କଥା ଥିଲା ଅଲଗା। ରାଜ୍ୟ ଟେଲିକମ ବିଭାଗ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଟେଲିକମ କମ୍ପାନୀ ଓ ସିଡଟର ମିଳିତ ସହଯୋଗରେ ଏହି ପରୀକ୍ଷଣ ହୋଇଥିଲା ଯେଉଁଥିରେ ୭୦ ହଜାରରୁ ଅଧିକ ବେଶ ଟାୱାର ଷ୍ଟେସନକୁ ସାମିଲ କରାଯାଇଥିଲା। ଏହା ଏକ ସଚେତନଧର୍ମୀ ବାର୍ତ୍ତା ଥିଲା। ଏଣିକି ମାତ୍ର ୧୦ ସେକେଣ୍ଡ ମଧ୍ୟରେ ରାଜ୍ୟବାସୀଙ୍କ ପାଖରେ ପହଞ୍ଚିବ ପ୍ରାକୃତିକ ଦୁର୍ବିପାକ ସଂକ୍ରାନ୍ତରେ ସତର୍କ ସୂଚନା। ମୋବାଇଲରେ ଏହି ଜରୁରୀକାଳୀନ ସତର୍କ ସୂଚନା ଉଭୟ ଆଞ୍ଚଳିକ ଏବଂ ଇଂରାଜୀ ଭାଷା ମାଧ୍ୟମରେ ଦିଆଯିବ। ପ୍ରାକୃତିକ ଦୁର୍ବିପାକ କହିଲେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବନ୍ୟା, ବାତ୍ୟା, ଭୂକମ୍ପ, ସୁନାମି ଏବଂ ବଜ୍ରପାତ ଆସିବାର ଅଧଘଣ୍ଟା ପୂର୍ବରୁ ଲୋକଙ୍କ ମୋବାଇଲରେ ପହଞ୍ଚିବ ସତର୍କ ସୂଚନା। ମେସେଜ ପାଇବା ପରେ ସତର୍କ ସୂଚନା ପଢ଼ି ଆଖପାଖରେ ଥିବା ନିରାପଦ ସ୍ଥାନକୁ ଚାଲିଯିବେ। ଏହାଦ୍ୱାରା ବ୍ୟାପକ ଧନଜୀବନ କ୍ଷତିକୁ ରୋକା ଯାଇପାରିବ। ଏନେଇ ବୁଧବାର ଦୂର ସଞ୍ଚାର ବିଭାଗ ପକ୍ଷରୁ ସେଲ ବ୍ରଡକାଷ୍ଟିଂ ସିଷ୍ଟମ ବ୍ୟବସ୍ଥାକୁ ପରୀକ୍ଷା କରାଯାଇଛି। ରାଜ୍ୟରେ ୧୦ରୁ ୨୦ ସେକେଣ୍ଡ ମଧ୍ୟରେ ୯୯% ମୋବାଇଲ ଉପଭୋକ୍ତାଙ୍କ ପାଖରେ ମେସେଜ ପହଞ୍ଚିଥିଲା। ସେଲ ବ୍ରଡକାଷ୍ଟ ଆଲର୍ଟ ସିଷ୍ଟମ କଣ ? : ଏହି ଟେକ୍ନୋଲୋଜି ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କୁ ମାତ୍ର କେଇ ସେକେଣ୍ଡରେ ଏକାବେଳେକେ ମେସେଜ ପଠାଯାଇପାରିବ। ଡିଓଟି ଚାହିଁଲେ ଗୋଟିଏ ରାଜ୍ୟ କିମ୍ବା ଗୋଟିଏ ଜିଲ୍ଲା କିମ୍ବା କୌଣସି ନିର୍ଦ୍ଦିଷ୍ଟ ଇଲାକାର ସବୁ ସକ୍ରିୟ ମୋବାଇଲକୁ ଏକାବେଳକେ ମେସେଜ ପଠାଇପାରିବେ। ଜରୁରୀ ବାର୍ତ୍ତା ସହ ମେସେଜଟି ମୋବାଇଲ ଟପ ସ୍କ୍ରିନରେ ଆପେ ବାହାରିବ। ଅଚାନକ ଆର୍ଲଟ ଶବ୍ଦ ଖୁବ ଜୋରରେ ବାଜିବ। ମୋବାଇଲ ବି ଥରି ଉଠିବ। ମେସେଜରେ କିଛି ଅତି ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଲେଖା ଥିବ। ଏଥିରେ ଉପଭୋକ୍ତାଙ୍କୁ ମେସେଜ ବକ୍ସକୁ ଯାଇ ମେସେଜ ପଢ଼ିବାକୁ ପଡ଼ିବନି। ଟେଲିକମ ଟ୍ରାଫିକିଂରୁ ବି ମୁକ୍ତି ମିଳିବ। ଖୁବ ଶୀଘ୍ର ଏକ ପୋର୍ଟାଲ ଖୋଲାଯିବ। ଉଭୟ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିରେ ରହିବେ। ଡ଼ିଓଟି ଜରିଆରେ ଲୋକଙ୍କୁ ସମ୍ଭାବ୍ୟ ବିପତ୍ତି ନେଇ ସୂଚନା ଦିଆଯିବ। ବାସ୍ତବରେ ଭାରତ ପରି ସୂଚନା ପ୍ରଯୁକ୍ତିରେ ଆଗୁଆ ଦେଶ ଏ ନେଇ ସତର୍କ ହେବା ଅତ୍ୟନ୍ତ ଜରୁରୀ। କାରଣ ଏହା ଏକ ବିକଶିତ ଭାବେ ଟେଲିକମ ସୂଚନାଧର୍ମୀ କାର୍ଯ୍ୟକ୍ରମ। କୌଣସି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଏହା ଲୋକମାନଙ୍କୁ ସୂଚୀତ କରାଯାଇପାରିବ। ବିଶେଷକରି ଜରୁରୀକାଳୀନ ସମୟରେ ଲୋକଙ୍କ ପାଖରେ ସତର୍କ ସୂଚନାକୁ ପହଞ୍ଚାଇବା ଲାଗି ଏହାକୁ ବିକଶିତ କରାଯାଇଛି। ଏହା ଏକ ପୁସ ମେସେଜ ଭଳି ଯାହାକୁ ଦେଖିବା ବାଧ୍ୟତାମୂଳକ। ତେବେ ଏହା ସାଇବର ଠକେଇ ସହିତ କୌଣସି ସମ୍ପର୍କ ନାହିଁ। ବାସ୍ତବକଥା ହେଉଛି ଏହା ଏକ ନମୁନା ପରୀକ୍ଷାର ବାର୍ତ୍ତା ଯାହା ଟେଲିକମ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସେଲ ବ୍ରଡକାଷ୍ଟିଂ ସିଷ୍ଟମ ଦ୍ୱାରା ପଠାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅଲ ଇଣ୍ଡିଆ ଜରୁରୀ କାଳୀନ ଆଲର୍ଟ ସିଷ୍ଟମ ପରୀକ୍ଷା କରିବାକୁ ଏହି ବାର୍ତ୍ତା ପଠାଯାଇଛି। ଜନସାଧାରଣଙ୍କ ସୁରକ୍ଷା ବଢ଼ାଇବା ସହ କୌଣସି ଆପଦ କାଳୀନ ସମୟରେ ସଠିକ ଭାବେ ସତର୍କ ସୂଚନା ପ୍ରଦାନ ପାଇଁ ଏହି ବ୍ୟବସ୍ଥା ରହିଛି। ଏହାକୁ ନେଇ କୌଣସି ଭ୍ରାନ୍ତ ଧାରଣାରେ ଲୋକମାନେ ପଡ଼ିବା ଅନୁଚିତ ଏବଂ ଏଥିରେ ଲୋକ ସରକାର ଓ ଟେଲିକମ ବିଭାଗକୁ ସହାୟତା କରିବା ଦରକାର ଓ ପ୍ରାସଙ୍ଗିକ।

ପୂର୍ବତନ ଡିଏଫ୍ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :
୯୪୩୭୨୫୭୧୨୩

# ବିକାଶର ବିନ୍ଧାଣୀ : ମ୍ୟାନ୍ ଅଫ୍ ମିଶନ ଭି.କେ. ପାଣ୍ଡିଆନ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ସ୍ୱେଚ୍ଛାକୃତ ଅବସର ନେଇ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାର୍ବଣର ଛୁଟି ଭିତରେ ରାଜ୍ୟ ରାଜନୀତିର କେବଳ ନୁହେଁ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ହୋଇଛି। ସେ ରାଜ୍ୟର ଜଣେ ସଫଳତମ ପ୍ରଶାସନିକ ଅଧିକାରୀ ଭାବେ ରାଜ୍ୟର ପ୍ରଗତିରେ ଯେଉଁପରି ନୂଆ କାର୍ଯ୍ୟ କରିଯାଇଛନ୍ତି ତାହା ନିଶ୍ଚିନ୍ତ ଭାବେ ସ୍ମରଣୀୟ। ୨୦୦୦ ବ୍ୟାଚର ଆଇଏଏସ୍ ଭି.କେ. ପାଣ୍ଡିଆନଙ୍କ ଏହି ନୂତନ ଦାୟିତ୍ୱକୁ ନେଇ ଅନେକ କଳ୍ପନା ଜଳ୍ପନା ମଧ୍ୟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ରୂପାନ୍ତର ଓ ବିକାଶ କ୍ଷେତ୍ରରେ ପାଣ୍ଡିଆନ ମ୍ୟାନ ଅଫ ମିଶନ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୦ ମସିହାରେ ଓଡ଼ିଶା କ୍ୟାଡ଼ର ଆଇଏଏସ ଅଫିସର ଭାବେ ନିଯୁକ୍ତି ହେବା ପରେ ରାଜ୍ୟର ବିକାଶ ପାଇଁ ସେ ନିଜକୁ ଉତ୍ସର୍ଗ କରି ଆସିଛନ୍ତି। ୨୦୦୨ରେ ସେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଯୋଗଦେଇ ରାଜ୍ୟର ରାଜସ୍ୱ ବୃଦ୍ଧି କରି ନିଜ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ଜିଲ୍ଲାପାଳ ଥିବାବେଳେ ସଫଳତାର ସହ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିବା ଯୋଗୁ ଗଞ୍ଜାମ ଜିଲ୍ଲାକୁ ଜାତୀୟ ପୁରସ୍କାର ମିଳିପାରିଥିଲା। ୨୦୧୧ରେ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରଠାରୁ ସେ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ସହାୟତା କରି ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବାର ଗତ ୧୨ ବର୍ଷ ମଧ୍ୟରେ ପାଣ୍ଡିଆନ ଜନସ୍ୱାର୍ଥ ସମ୍ବଳିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଯେପରି ସମ୍ମାନ ମିଳିପାରିବ ସେ ନେଇ ମୋ ସରକାର ଭଳି ନୂତନ ପ୍ରୟାସ ଆଣିପାରିଛନ୍ତି। ସେହିପରି ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛ ଓ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ସକାଶେ ୫-ଟି (ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମୱାର୍କ, ଟାଇମ ଓ ଟ୍ରାନ୍ସଫର୍ମେସନ) ଭଳି ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ।ରାଜ୍ୟର ଶିକ୍ଷାକୁ କିପରି ଗୁଣାତ୍ମକ କରାଯାଇପାରିବ ସେ ନେଇ ପାଣ୍ଡିଆନ ହାଇସ୍କୁଲ ଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ କରି ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସ୍କୁଲ ରୂପାନ୍ତରଣ ଯୋଗୁ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଗୁଣାତ୍ମକ ଓ ଉତ୍ତମ ମାନର ଶିକ୍ଷା ପାଇପାରିଛନ୍ତି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଆସିଥିବା ରୂପାନ୍ତରଣ ଓ ରାଜ୍ୟରେ ନୂତନ ହସ୍ପିଟାଲ ସ୍ଥାପନ କ୍ଷେତ୍ରରେ ପାଣ୍ଡିଆନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗରିବ ଲୋକ ବିଶେଷକରି ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଇପାରିଛି। ନିର୍ଦ୍ଧାରିତ ସମୟରେ ଲୋକମାନଙ୍କର ଅଭିଯୋଗ ଶୁଣାଣି ହୋଇପାରିଛି। ଲୋକମାନଙ୍କ ଦୁଆରକୁ ଯାଇ ସେମାନଙ୍କ ଅଭିଯୋଗ ସଂଗ୍ରହ କରିବା ଓ ତାହାର ସମାଧାନ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କ ଉଦ୍ୟମ ସରକାରଙ୍କ ଜନସାଧାରଣଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

ସାଂସ୍କୃତିକ ଓ ଐତିହ୍ୟ ସହରକୁ ରୂପାନ୍ତର କରିବା ସହ ରାଜ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ଏକ କ୍ରୀଡ଼ା ହବରେ ପରିଣତ କରିବା କ୍ଷେତ୍ରରେ ପାଣ୍ଡିଆନଙ୍କ ଅତୁଳନୀୟ ଭୂମିକା ରହିଛି। ତାଙ୍କ ପ୍ରଶାସନିକ ଯାତ୍ରା ୨୦୦୦ରୁ ୨୦୨୩ ପର୍ଯ୍ୟନ୍ତ ଏକ ସଫଳତମ ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ରୂପାନ୍ତରଣ ଓ ବିକାଶର ନେତୃତ୍ୱର ଶ୍ରେୟ ନବୀନ ବାବୁଙ୍କୁ ଦିଆଯାଉଥିବାବେଳେ କିନ୍ତୁ ବାସ୍ତବରେ ୨୦୧୧ରୁ ବ୍ୟକ୍ତିଗତ ସଚିବ ଭାବେ ଶ୍ରୀ ପାଣ୍ଡିଆନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ୨୦୦୦ ଆଇଏଏସ ପାଇବା ପରେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଓ ପରବର୍ତ୍ତୀ ସମୟରେ ରାଉରକେଲା ଏଡ଼ିଏମ୍ ଭାବେ ସେ ଯେଉଁପରି ଲୋକମାନଙ୍କର ସେବା ନିଷ୍ଠାପର ଭାବେ କରିଥିଲେ ତାହା ପ୍ରଶାସନିକ କ୍ଷେତ୍ରରେ ଅତ୍ୟନ୍ତ ପ୍ରଶଂସାର ପାତ୍ର ହୋଇଥିଲା। ଦେଶର ସର୍ବ କନିଷ୍ଠ ଜିଲ୍ଲାପାଳ ଭାବେ ପରବର୍ତ୍ତୀ ସମୟରେ ଓଡ଼ିଶାର ବଡ଼ ଜିଲ୍ଲା ମୟୂରଭଞ୍ଜରେ ନିଯୁକ୍ତି ପାଇଥିଲେ। ଗଞ୍ଜାମ ଜିଲ୍ଲାପାଳ ଭାବେ ତାଙ୍କ ପ୍ରଶାସନିକ ଯାତ୍ରାରେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସେ ନଜରକୁ ଆସିବା ପରେ ତାଙ୍କ ଗୁରୁତ୍ୱ ବଢ଼ିଥିଲା। ୫ଟି ଅଭିଯାନରେ ରାଜ୍ୟରେ ଭିତ୍ତିଭୂମିର ବିକାଶରେ ମଧ୍ୟ ସେ ଜଣେ ସଫଳ ନେତୃତ୍ୱର ଅଗ୍ରଣୀ। ୨୦୩୬ ଭିଜନ ସହ ଓଡ଼ିଶା ଆଗଉ ଥିବାବେଳେ ପ୍ରଶାସନରେ ଲୋକଙ୍କ ପାଇଁ ମିଶନ ରଖି କାର୍ଯ୍ୟ କରିବାରେ ଶ୍ରୀ ପାଣ୍ଡିଆନ ୫ଟି ଅଭିଯାନ ଓଡ଼ିଶା ରୂପାନ୍ତର ନୂଆ ପର୍ଯ୍ୟାୟ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଶିଖରପୁର ଉପରସାହି, କଟକ,ଦୂରଭାଷ :
୮୨୮୦୯୬୩୨୮୩/
୯୪୩୮୫୮୩୨୮୯

# ବିଜୁବାବୁଙ୍କ ବୀରତ୍ୱର ଦିନଟିଏ



ବିପିନ ବିହାରୀ ରାଉତ

ଅକ୍ଟୋବର ୨୭ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱର ଦିନଟିଏ। ୧୯୪୭ ମସିହାର ଏହି ଦିନରେ ପାକିସ୍ତାନୀ ସେନାର ଗୁଳିଗୋଳା ବର୍ଷଣକୁ ବେଖାତିର କରି ବିଜୁ ପଟ୍ଟନାୟକ ସେନାକୁ କାଶ୍ମୀରର ଶ୍ରୀନଗର ବିମାନ ଘାଟିରେ ପ୍ରଥମେ ପହଞ୍ଚାଇଥିଲେ। ଆଜି ଦେଶ ସଗୌରବେ ଏହି ଦିନଟିକୁ ପାଳନ କରୁଛି ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଉଛି। କୁହାଯାଏ ଯଦି ସେହିଦିନ ଭାରତର ସୈନିକମାନେ ଶ୍ରୀନଗରରେ ପହଞ୍ଚିନଥାନ୍ତେ ତେବେ ହୁଏତ ଜାମ୍ମୁ-କାଶ୍ମୀର ଆଜି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିନଥାନ୍ତା। ଶ୍ରୀନଗରରୁ ମାତ୍ର ୩୦ କିମି ଦୂରରେ ପହଞ୍ଚି ସାରିଥିବା ପାକିସ୍ତାନ ସେନାର କବ୍ଜାକୁ ଚାଲିଯାଇଥାନ୍ତା। ବିଜୁବାବୁ ହିଁ ସେହି ବ୍ୟକ୍ତି ଯିଏ କାଶ୍ମୀର ସୁରକ୍ଷାର ସମ୍ପୂର୍ଣ୍ଣ ଶ୍ରେୟ ପାଇବେ। ସେତେବେଳକୁ ଭାରତ ସ୍ୱାଧୀନ ହୋଇସାରିଥିଲା। କିନ୍ତୁ କାଶ୍ମୀର ଭାରତ ସହ ମିଶିନଥିଲା। ମହାରାଜା ହରି ସିଂ କାଶ୍ମୀରର ଶାସନକର୍ତ୍ତା ଥିଲେ। ପାକିସ୍ତାନ କାଶ୍ମୀର ଅଧିକାର କରିବାକୁ ଅଭିଯାନ ଆରମ୍ଭ କରିଥିଲା ଏବଂ ସଫଳତା ପରେ ସଫଳତା ପାଇ ଚାଲିଥିଲା। ହରି ସିଂ ଭାରତର ସହାୟତା ଲୋଡ଼ିଥିଲେ ମଧ୍ୟ ସେନା ପହଞ୍ଚିବା ସମ୍ଭବପର ନଥିଲା। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ବିଜୁ ପଟ୍ଟନାୟକଙ୍କ ପରାମର୍ଶ ଲୋଡ଼ିଥିଲେ ଓ କିଭଳି ଶ୍ରୀନଗରକୁ ସେନା ଯିବ ସେଥିପାଇଁ ବିଚାରମର୍ଷ କରିଥିଲେ। ପାକିସ୍ତାନୀ ସେନାର ବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାବାହିନୀକୁ ପହଞ୍ଚାଇବାର ଏକ ଦୁଃସାହସିକ କାର୍ଯ୍ୟ କିଏ କରିବ ସେ ନେଇ ସ୍ଥିର ହୋଇପାରି ନଥିଲା। ଶେଷକୁ ବିଜୁ ପଟ୍ଟନାୟକ ହିଁ ଆଗଭର ହୋଇଥିଲେ ଓ ଭାରତୀୟ ସେନାକୁ ଶ୍ରୀନଗରରେ ପହଞ୍ଚାଇବାର ଦାୟିତ୍ୱ ନେଇଥିଲେ। ୧୯୪୭ ମସିହା ଅକ୍ଟୋବର ୨୭ ତାରିଖ ଭୋରରୁ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଥିଲା। ଶିଖ୍ ରେଜିମେଣ୍ଟର ସୈନିକମାନେ ସେଠାରେ ପ୍ରଥମେ ପହଞ୍ଚିଥିଲେ। ପରେ ପାକିସ୍ତାନ ସେନାବାହିନୀ ପଛଘୁଞ୍ଚା ଦେଇଥିଲା ଓ କାଶ୍ମୀର ସୁରକ୍ଷିତ ରହିଥିଲା। ଦେଶ ଆଜି ସେହି ବୀରତ୍ୱର ୭୦ତମ ଦିବସ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ବୀର ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏ ନେଇ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛି। ଗୌରବର ବିଷୟ ଯେ ଯଦିଓ ଭାରତ ସରକାର ବୀରତ୍ୱର ଏହି ଦିବସରେ ବିଜୁ ପଟ୍ଟନାୟକଙ୍କୁ ମନେପକାଇ ନାହାନ୍ତି, ତେବେ ସୋସିଆଲ ମିଡ଼ିଆରେ ବିଜୁବାବୁଙ୍କ ନାମ ଉଲ୍ଲେଖ ହୋଇଛି। ଉତ୍ତରପ୍ରଦେଶ ଆଗ୍ରାର ଅମିତ ଜୟସ୍ୱାଲ ଜୈନ ନାମକ ଜଣେ ବ୍ୟକ୍ତି ବିଜୁବାବୁଙ୍କ ଫଟୋ ସହ କିଭଳି ସେ ଦିନ ଶ୍ରୀନଗରରେ ବିଜୁବାବୁ ତାଙ୍କର ପ୍ରଥମ ବିମାନ ଓହ୍ଲାଇଥିଲେ, ତାହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିଜେ ପାଇଲଟିଂ କରି ପ୍ରଥମ ବିମାନ ଶ୍ରୀନଗରରେ ୧୯୪୭ ମସିହା ଅକ୍ଟୋବର ୨୭ ତାରିଖରେ ଓହ୍ଲାଇଥିଲେ। ତାହା ଥିଲା ତାଙ୍କର ଡକୋଟା ବିମାନ। ଅମିତଙ୍କ ଏହି ଟ୍ୱିଟ ପରେ ସୋସିଆଲ ମିଡ଼ିଆରେ ଅନେକ ଲୋକ ଏକଥା ପୂର୍ବରୁ ଜାଣିନଥିବା ନେଇ ଉଲ୍ଲେଖ କରିବା ସହ ବିଜୁବାବୁଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ରାଜେନ୍ଦ୍ର ଆସ୍ଥାନା ଲେଖିଛନ୍ତି ଯେ ବିଜୁବାବୁଙ୍କ ଡକୋଟା ବିମାନକୁ ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୫୦୦ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ହାତରେ ଲାଠିଧରି ପାଇଲଟିଂ କରାଇଥିଲେ। ସନ୍ଧ୍ୟା ଜୈନ ସାଲ୍ୟୁଟ, ବିଜୁଦା, ବୋଲି ଲେଖିଥିବାବେଳେ ଅନେକ ବ୍ୟକ୍ତି ବିଜୁବାବୁଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ସେନାର ଉତ୍ତରାଞ୍ଚଳ, କମାଣ୍ଡ ପକ୍ଷରୁ ଏ ନେଇ ଏକ ଟ୍ୱିଟ୍ କରାଯାଇଥିବାବେଳେ ବିଜୁବାବୁଙ୍କ କଥା ସାଂସଦ ବୈଜୟନ୍ତ ପଣ୍ଡା ସେହି ଟ୍ୱିଟର ଉତ୍ତରରେ ଦର୍ଶାଇଛନ୍ତି।

ବିଜୁବାବୁଙ୍କ ବୀରତ୍ୱର ଗାଥା ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ସୁରକ୍ଷା ଇତିହାସରେ ଅଲିଭା ସ୍ୱାକ୍ଷର ହୋଇ ରହିଛି। ଇଣ୍ଡୋନେସିଆର ସୁରକ୍ଷା ହେଉ ଅବା କାଶ୍ମୀରର, ସବୁଠି ତାଙ୍କ ବୀରତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେବେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁବାବୁଙ୍କ ଜୀବନ ଦେଶପ୍ରେମ ଓ ଦୁଃସାହସର ସମ୍ମିଶ୍ରଣ। ଯଦିଓ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନରେ ବିଜୁବାବୁଙ୍କର ଦୁଃସାହସିକତା ଗୁରୁତ୍ୱ ଲାଭ କରିଛି ତେବେ କାଶ୍ମୀରର ସୁରକ୍ଷାରେ ତାଙ୍କର ଅବଦାନ କମ୍ ନଥିଲା।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# ଯୁଦ୍ଧ ତୁରନ୍ତ ବନ୍ଦ ହେଉ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ଚଳିତ ଶତାବ୍ଦୀରେ ବିଶ୍ୱ ଏବେ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି। ନିଜର ସ୍ୱାଧୀନତା, ସାର୍ବଭୌମତ୍ୱ ରକ୍ଷା ଲାଗି ରୁଷ-ୟୁକ୍ରେନ ଯୁଦ୍ଧ ଏବେ ଦେଢ ବର୍ଷ ଅତିକ୍ରମ କରିଛି। ଯୁଦ୍ଧର ଅବସାନ କେବେ ଘଟିବ, ତାହା ଆକଳନ କରିବା ମୁସ୍କୁଲି ଏଇଥିପାଇଁ ଯେ, ନାଟୋ ମେଂଟର ଅସ୍ତ୍ରଶସ୍ତ୍ର ଓ ଆର୍ଥୀକ ସହାୟତାରେ ୟୁକ୍ରେନ ନିଜର ସାର୍ବଭୌମତ୍ୱ ରକ୍ଷା କରିବାକୁ ସଂକଳ୍ପ ନେଇ ଯୁଦ୍ଧ ଜାରି ରଖିଛି। ସେହିପରି ଏକଦା ବିଶ୍ୱର ବୃହତ ଶକ୍ତି ଭାବେ ପରିଚିତ ଥିବା ରୁଷ ଆଣବିକ ଯୁଦ୍ଧ ପାଇଁ ବାରମ୍ବାର ଧମକ ଦେଇଛି। ୟୁକ୍ରେନକୁ ସପ୍ତାହକ ମଧ୍ୟରେ ପରାସ୍ତ କରିବା ନେଇ ଆକଳନ କରିଥିବା ରୁଷ ନିଜର ପରାଜୟକୁ ସ୍ୱୀକାର ନକରି ଆଣବିକ ଶକ୍ତିର ବଡିମା ଦେଖାଇ ଯୁଦ୍ଧ ଜାରି ରଖିଛି। ରୁଷ-ୟୁକ୍ରେନ ଯୁଦ୍ଧ ବିଶ୍ୱକୁ ସଂକଟ ମଧ୍ୟକୁ ଠେଲି ଦେଇଥିବାବେଳେ ଏବେ ଇସ୍ରାଏଲ-ହମାସ ମଧ୍ୟରେ ଲଢେଇ କେବଳ ସଂକଟକୁ ଦ୍ୱିଗୁଣିତ କରିନାହିଁ, ବିଶ୍ୱକୁ ଜାତିଆଣ ଯୁଦ୍ଧ ମଧ୍ୟକୁ ଠେଲି ଦେଇଛି। ଯୁଦ୍ଧ ଇହୁଦି-ମୁସଲିମ ଲଢେଇରେ ପରିଣତ ହୋଇଛି। କହିବା ବାହୁଲ୍ୟ ଯେ, ଆମେରିକା, ବ୍ରିଟେନ ସମେତ ସମସ୍ତ ଖ୍ରୀଷ୍ଟିଆନ ବହୁଳ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ କରିଥିବା ବେଳେ ମୁସଲିମ ରାଷ୍ଟ୍ରଗୁଡିକ ହମାସ’କୁ ସମର୍ଥନ କରିଛନ୍ତି। ବିସ୍ତୃତ ବିଶ୍ୱ ଏବେ ଦୁଇଭାଗରେ ପରିଣତ ହୋଇଛି ବୋଲି କହିଲେ ଭୁଲ ହୋଇନପାରେ। କେବଳ ଏତିକି ନୁହେଁ ଆମେରିକା, ବ୍ରିଟେନ ପ୍ରତ୍ୟକ୍ଷ ଭାବେ ଇସ୍ରାଏଲ ସପକ୍ଷରେ ଯୁଦ୍ଧରେ ସାମିଲ ହୋଇଥିବାବେଳେ ଲେବାନନ, ଇରାନ ପାଲେଷ୍ଟାଇନ ସପକ୍ଷରେ ଯୁଦ୍ଧ ପାଇଁ ଧମକ ଦେଇଛନ୍ତି। ଆହୁରି ମଧ୍ୟ ଇସ୍ରାଏଲର ଗାଜା ଅବରୋଧ ବିରୁଦ୍ଧରେ ଏବଂ ପାଲେଷ୍ଟାଇନ ସପକ୍ଷରେ ବିଶ୍ୱବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଆତଙ୍କବାଦୀ ସଂଗଠନ ବ୍ୟବହାର କରିଥିବା ରକେଟ ଓ ଅସ୍ତ୍ରଶସ୍ତ୍ର ଉତରକୋରିଆର ବୋଲି ଜଣାଯାଇଛି, ଯାହାକି ଅତ୍ୟନ୍ତ ଉଦବେଗଜନ ଏବଂ ଚିନ୍ତାଜନକ। ଆତଙ୍କବାଦୀଙ୍କୁ ଉତର କୋରିଆର ଅସ୍ତ୍ରଶସ୍ତ୍ର ଯୋଗାଣ କେବଳ ଇସ୍ରାଏଲ ପାଇଁ ନୁହେଁ, ସମଗ୍ର ମାନବ ପାଇଁ ବିପଦର କାରଣ। କିନ୍ତୁ ଭାରତ ଏହି ଯୁଦ୍ଧରେ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଛି, ତାହା ସ୍ୱାଗତଯୋଗ୍ୟ। ଭାରତ ଆତଙ୍କବାଦକୁ ବିରୋଧ କରି ଇସ୍ରାଏଲକୁ ସମର୍ଥନ କରିଥିବାବେଳେ ପାଲେଷ୍ଟାଇନ ନୀତିକୁ ଅପରିବର୍ତ୍ତିତ ରଖିଛି। କହିବା ବାହୁଲ୍ୟ ଯେ, ଭାରତ ଆତଙ୍କବାଦ ବିରୁଦ୍ଧରେ ବର୍ଷ ବର୍ଷ ଧରି ଲଢେଇ ଜାରି ରଖିଛି। ଆତଙ୍କବାଦକୁ ନିନ୍ଦା କରି ଆସିଛି। ‘ହମାସ’ର ନୃଶଂସ କାର୍ଯ୍ୟକୁ ଭାରତ କଟୁ ଭାଷାରେ ନିନ୍ଦା କରିବା ସହ ଇସ୍ରାଏଲକୁ ସମବେଦନା ଜଣାଇଛି। ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲରେ ଏବେ ୧୮ହଜାରରୁ ଅଧିକ କର୍ମଜୀବୀ ଏବଂ ଛାତ୍ରଛାତ୍ରୀ ରହିଥିବାବେଳେ ଅପରେସନ ଅଜୟ ଦ୍ୱାରା ସ୍ୱତନ୍ତ୍ର ବିମାନ ଯୋଗେ ସେମାନଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରାଇ ଆଣିବା ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ପାଲେଷ୍ଟାଇନ ନେଇ ଇସ୍ରାଏଲ ବିରୁଦ୍ଧରେ ଜାରି କଟକଣା ପ୍ରତ୍ୟାହୃତ ହେବା ପରେ ୧୯୯୨ ମସିହାରେ ଭାରତ ପୂର୍ଣ୍ଣ କୁଟନୈତିକ ସମ୍ପର୍କ ପୁନଃ ପ୍ରତିଷ୍ଠା କରିଥିଲା। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସୁସମ୍ପର୍କ ଅଧିକ ଦୃଢୀଭୂତ ହେବା ସହ ବାଣିଜ୍ୟ, ବୈଷୟିକ ସହଯୋଗିତା, ସାମରିକ ଅସ୍ତ୍ରଶସ୍ତ୍ର କ୍ରୟ, ଆତଙ୍କବାଦ ବିରୁଦ୍ଧରେ ସହଯୋଗିତା ବୃଦ୍ଧି ପାଇଥିଲା। ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ୨୦୧୭ରେ ଇସ୍ରାଏଲ ଗସ୍ତ କରିଥିବାବେଳେ ପ୍ରଥମ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଭାବେ ନେତ୍ୟାନୁହ ଭାରତ ଗସ୍ତରେ ୨୦୧୮ ରେ ଆସିଥିଲେ। ଅନ୍ୟପକ୍ଷରେ ଭାରତ ସମଗ୍ର ଜେରୁଜେଲମ ରୁ ଇସ୍ରାଏଲ ରାଜଧାନୀ ଭାବେ ଘୋଷଣା ପାଇଁ ଆମେରିକା ଓ ଇସ୍ରାଏଲ ପକ୍ଷରୁ ଆଗତ ପ୍ରସ୍ତାବ ବିରୁଦ୍ଧରେ ଭୋଟ ଦେଇ ଭାରତ ବିଶ୍ୱ ଦରବାରରେ ନିଜର ନିରପେକ୍ଷତା ପ୍ରର୍ଦାନ କରିଥିଲା। ପାଲେଷ୍ଟାଇନ୍ ପ୍ରତି ଭାରତ ତାର ପୂର୍ବ ଅଭାମୁଖ୍ୟ ନୀତିକୁ ଅପରିବର୍ତ୍ତିତ ରଖିଥିବା ପ୍ରମାଣ ଦେଇଥିଲା। ଏବେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଭାରତ ନିଜର ପାଲେଷ୍ଟାଇନ୍ ନୀତି ଅପରିବର୍ତ୍ତିତ ରଖିଥିବା ଦୋହରାଇଛି। ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ବିଶ୍ୱରେ ଖାଦ୍ୟ ସଂକଟ ମୁହାଁ ହେବା ସହ ବହୁ ରାଷ୍ଟ୍ର ଅର୍ଥନୈତିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଥିବାବେଳେ ପଶ୍ଚିମ ଏସୀୟାରେ ଉତେଜନା, ଯୁଦ୍ଧ ବିଶ୍ୱକୁ ପୁଣି ଗୁରୁତ୍ୱର ସଂକଟ ମଧ୍ୟକୁ ଠେଲି ଦେଇଛି। ଯେଉଁଭଳି ଭାବେ ଇସ୍ରାଏଲ-ହମାସ ଯୁଦ୍ଧ ଇହୁଦି-ମୁସଲିମ୍ ଯୁଦ୍ଧ ରୂପ ନେଉଛି, ଏଥିରେ ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାକୁ ଅଣଦେଖା କରାଯାଇନପାରେ। କେବଳ ଏତିକି ନୁହେଁ ପଶ୍ଚିମ ଏସୀୟାରେ ଯୁଦ୍ଧ ଯୋଗୁଁ ବିଶ୍ୱରେ ଗୁରୁତର ତୈଳ ସଂକଟ ସୃଷ୍ଟି ହେବା ସହ ପେଟ୍ରୋଲ, ଡିଜେଲର ମୂଲ୍ୟ ମଧ୍ୟ ବଢିପାରେ। ଆମ ଦେଶରେ ନିର୍ବାଚନ ସମୟରେ ମଧ୍ୟ ତୈଳ ତଥା ପେଟ୍ରୋଲ, ଡିଜେଲର ମୂଲ୍ୟ ପୁଣି ବଢିବା ଆଶଙ୍କା ସୃଷ୍ଟି ହେଲାଣି। ଏହା ସତ୍ୟ ଯେ, ଯୁଦ୍ଧ ହେଉଛି ବିନାଶକାରୀ। ତୁରନ୍ତ ରୁଷ-ୟୁକ୍ରେନ ଏବଂ ଇସ୍ରାଏଲ -ହମାସ ଯୁଦ୍ଧ ବନ୍ଦ କରିବାକୁ ମିଳିତ ଜାତିସଂଘ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଅନ୍ୟଥା ତୃୀୟ ବିଶ୍ୱଯୁଦ୍ଧକୁ ଏଡାଇ ଦିଆଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୯୪୩୭୯୯୪୩୭୯**

# ଓଡ଼ିଶା ଇତିହାସରେ ଦୁର୍ଗା ପୂଜା

**ଶିବମ୍ ପଟ୍ଟନାୟକ**

ଯେକୌଣସି ଜାତି କିମ୍ବା ସମ୍ପ୍ରଦାୟ ପାଇଁ ତାର ମୌଳିକ ସଂସ୍କୃତି ହେଉଛି ପରିଚୟର ଆଧାର କ୍ଷ ଜଣେ ବିଶେଷ ସମ୍ପ୍ରଦାୟ ବା କ୍ଷେତ୍ର ର ଲୋକ କେବଳ ନିଜର ସଂସ୍କୃତି ର ବିଶେଷତା ଆଉ ଭିନ୍ନତା ପାଇଁ ଅନ୍ୟ ସମ୍ପ୍ରଦାୟ ଠାରୁ ଭିନ୍ନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥାଏ କ୍ଷ ସେହି ସଂସ୍କୃତିର ଗାରିମା ବିଶ୍ୱ ଦରବାର ରେ ଜାତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ କ୍ଷ ଠିକ୍ ସେହିଭଳି ଆମ ଉତ୍କଳୀୟ ସଂସ୍କୃତି ରେ ମଧ୍ୟ କିଛି ବିଶେଷତ୍ୱ ରହିଛି କ୍ଷ ଆମର ପୋଷାକ ପରିପାଟୀ, ଖାଦ୍ୟପେୟ, ଭାଷା, ଚାଲିଚଳନ, ରୀତିନୀତି, ଚାଲିଚଳନ , ପୂଜା ପଦ୍ଧତି , ପର୍ବପର୍ବାଣୀ ପାଳନ କରିବାର ବିଧି ଆମକୁ ଅନ୍ୟ ମାନଙ୍କ ଠାରୁ ଭିନ୍ନ କରିଥାଏ କ୍ଷ ଠିକ୍ ସେହିଭଳି ଆମ ଉତ୍କଳୀୟ ପରମ୍ପରାରେ ଦୁର୍ଗା ପୂଜା ପାଳନର ମଧ୍ୟ ସ୍ୱତନ୍ତ୍ର ବିଧି ରହିଛି କ୍ଷ ଆମ ରାଜ୍ୟରେ ଆଶ୍ୱିନ ମାସ ପିତୃପକ୍ଷ ଆରମ୍ଭ ରୁ ବିଭିନ୍ନ ଶକ୍ତି ପୀଠ ମାନଙ୍କରେ ଦେବୀ ମାନଙ୍କର ଷୋଡ଼ଶ ଉପଚାର ବିଧି କରାଯାଏ କ୍ଷ ଏଥିରେ ଦେବୀ ମା’ ଙ୍କୁ ବିଭିନ୍ନ ଶକ୍ତି ଶ୍ୱରୂପିଣୀ ରୂପରେ ପୂଜା କରାଯାଇଥାଏ । ଆଶ୍ୱିନ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ଠାରୁ ଦଶମୀ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମୃଣ୍ମୟୀ ଦେବୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ କ୍ଷ ଏଥିରେ ଷଷ୍ଠୀ ଦିନ ମା ’ ଦୂର୍ଗା ଙ୍କୁ ବିଲ୍ୱ ବରଣି କରାଯାଇ ମୃଣ୍ମୟୀ ଦେବୀଙ୍କର ଆବାହନ ସଂସ୍ଥାପନ କରାଯାଇ ଦଶମି ପର୍ଯ୍ୟନ୍ତ ବିଧିବଦ୍ଧ ପୂଜା କରାଯାଇଥାଏ । କିନ୍ତୁ ବର୍ତ୍ତମାନର ଆଧୁନିକ ସମାଜରେ ଓଡ଼ିଶାରେ ଦୂର୍ଗା ପୂଜା, ଶାରଦୀୟ ଦୁର୍ଗାପୂଜା ଭାବରେ ପରିଚିତି ଲାଭ କରିଛି କ୍ଷ ବିଭିନ୍ନ ସ୍ଥାନରେ ଉତ୍ତର ଭାରତ ଓ ପଶ୍ଚିମ ଭାରତର ଅବିକଳ ନକଲ କରାଯାଇ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମ, ନବରାତ୍ର ପୂଜା ଆଦି ଅନୁଷ୍ଠିତ ହେଉଛି କ୍ଷ ମାତ୍ର ଏ ସବୁକୁ ଦେଖିଲେ ମନରେ ପ୍ରଶ୍ନ ଉଦ୍ରେକ ହୁଏ ; ଆମ ଉତ୍କଳୀୟ ପରମ୍ପରାରେ ନବରାତ୍ର ପାଳନର କଣ ପ୍ରାସଙ୍ଗିକତା ରହିଛି ? ଏହାକୁ ନେଇ ଇତିହାସ କ’ଣ କୁହେ ? ଐତିହ୍ୟ କୁ ଅବଲୋକନ କଲେ ଜଣାଯାଏ ଯେ ’ ପ୍ରାଚୀନ ଓ ମଧ୍ୟଯୁଗୀୟ କାଳରେ ଦୂର୍ଗାପୂଜା ସାର୍ବଜନୀନ ଭାବରେ ପାଳନ କରାଯାଉ ନଥିଲା କ୍ଷ ଆଗରୁ କେବଳ ରାଜବାଟୀ ରେ ଓ ବ୍ରାହ୍ମଣ ଶାସନ ମାନଙ୍କରେ ହିଁ ପାଳନ କରାଯାଉଥିଲା । ଏହା ’ ସାର୍ବଜନୀନ ଦୁର୍ଗା ଉତ୍ସବ ’ ନାମରେ ଖ୍ୟାତ ଥିଲା କ୍ଷ ସେ ସମୟରେ କେବଳ ରାଜା ଓ ବ୍ରାହ୍ମଣ ଶାସନ ର ବ୍ୟକ୍ତିମାନଙ୍କର ଏହି ପୂଜା ଆୟୋଜନ କରିବାର ଅଧିକାର ଥିଲା କ୍ଷ ମାତ୍ର ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଜୟୀ ରାଜଗୁରୁ ଓ ପିଣ୍ଡିକି ବାହୁବଳେନ୍ଦ୍ରଙ୍କର ଉଦ୍ୟମ କ୍ରମେ ’ସାର୍ବଜନୀନ ଦୁର୍ଗାପୂଜା ଉତ୍କଳରେ ଆରମ୍ଭ ହୋଇଥିଲା କ୍ଷ ଜାନି ବା ଜେନାମାନେ ସେବେଠାରୁ ଦେବୀ ପୂଜା କରିବାର ଅଧିକାର ପାଇଥିଲେ କ୍ଷ ଦୁର୍ଗ ଉତ୍ସବ ମାଧ୍ୟମ ରେ ସେମାନେ ସେତେବେଳ ଶିଥିଳ ପଡ଼ିଯାଇଥିବା ଓଡ଼ିଆ ଜାତିକୁ ସେମନେ ପୁନଃ ପ୍ରାଣବନ୍ତ ଓ ଜୀବନ୍ତ କରାଇ ଶତ୍ରୁ ଶକ୍ତି ବିରୋଧରେ ଏକତ୍ର କରାଇ ପାରିଥିଲେ କ୍ଷ ଗାଁ ମାନଙ୍କରେ ସେହି ସମୟରୁ ଆଖଡ଼ା ର ସୃଷ୍ଟି ହୋଇଥିବା ପ୍ରମାଣ ମିଳେ । ମା’ ଦୁର୍ଗା ଶକ୍ତି ପ୍ରଦାୟିନୀ ଭାବରେ ସମଗ୍ର ଉତ୍କଳୀୟ ସମାଜକୁ ଇଂରେମାନଙ୍କ ବିରୋଧରେ ଠିଆ କରାଇବାରେ ଜୟୀ ରାଜଗୁରୁଙ୍କୁ ସହାୟ ହୋଇଥିଲେ ।ମାତ୍ର ଅନୁତାପର ବିଷୟ ଯେ ଆମମାନଙ୍କ ମଧ୍ୟରୁ କେତେକ ଏହି ଇତିହାସ ବିଷୟରେ ଅବଗତ ଅଟନ୍ତି ? କାଳକ୍ରମେ ବାହ୍ୟ ପରମ୍ପରାର ମିଶ୍ରଣରେ ଆମେ ଆମ ନିଜ ଓଡ଼ିଆ ସଂସ୍କୃତିର ବାସ୍ତବତା କୁ ପାସୋରି ଦେଇଛେ କ୍ଷ ଆମେ ନବରାତ୍ର ପୂଜା ତ ଭାରି ଧୁମ୍ ଧାମରେ ପାଳନ କରୁଛୁ ମାତ୍ର ଆମ ନିଜସ୍ୱ ପରମ୍ପରା କୁ ବିସ୍ମୃତ କରିଦେଇଛୁ । ନିଜ ସଂସ୍କୃତି ପ୍ରତି ଏଭଳି ବିମୁଖ ହେବା ନିଶ୍ଚିନ୍ତ ଭାବରେ ନିନ୍ଦନୀୟ କ୍ଷ ତେବେ ଆମକୁ ନିଜର ଗୌରବମୟ ସଂସ୍କୃତି କୁ ଓ ତାର ସ୍ୱତନ୍ତ୍ରତା କୁ ଭବିଷ୍ୟତ ଦାୟଦ ମାନଙ୍କ ପାଇଁ ସଂରକ୍ଷିତ କରି ରଖିବା ନିମନ୍ତେ ଏବେଠାରୁ ଯତ୍ନବାନ ହେବାର ଆବଶ୍ୟକତା ରହିଛି ।

*ଫୋନ୍ – ୯୦୭୮୨୦୫୭୭୭*
*ଠିକଣା – କଳନ୍ତିରା, ବିରିଡ଼ି,*
*ଜଗତସିଂପୁର,୭୫୪୧୩୦*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday May 29 | ଭୁବନେଶ୍ୱର ଗୁରୁବାର, ୨୯, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ୬୭ ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର,(ପି.ଏନ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳ ପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ



ଡକ୍ଟର ଅଫ୍ ଲେଟରସ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣାଚଳ ପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଗୋଏଲ, କୁଳପତି ପ୍ରଫେସର (ଡ) ପ୍ରକାଶ ଦିବାକରଣଙ୍କ ସମେତ ବହୁ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ବିଦ୍ୱାନ ଏବଂ ଛାତ୍ରଛାତ୍ରୀ ଏହି ଅବସରରେ ଉପସ୍ଥିତ ଥିଲେ।

## ପାରାଦୀପରେ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ : କେଉଁଝର ଚମ୍ପିୟନ ଓ ମୟୁରଭଞ୍ଜ ରନର୍ସଅପ

ପାରାଦୀପ ,(ପି.ଏନ):ପାରାଦୀପ ର ବାଉରିଆପାଳନ୍ଦା ଠାରେ 'ସାରନା ମାରସାଲ ଯୁବକ ସଂଘ' ପକ୍ଷରୁ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୧୬ ଟି ଟିମ୍ ଭାଗନେଇଥିଲେ । ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍ ଗୁଡିକ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ସମସ୍ତ ଟିମ୍ କୁ ପଛରେ ପକାଇ କେଉଁଝର ଟିମ ବିଜୟୀ ଏବଂ ମୟୁରଭଞ୍ଜ ଟିମ ରନର୍ସପ ହୋଇଥିଲା । ବିଜୟୀ ଟିମ କୁ ୨୧ ହଜାର ଓ ରନର୍ସପ ଟିମ କୁ ୧୭ ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଏକ ଉତ୍ସବରେ ଆଦିବାସୀ ସମ୍ପ୍ରଦାୟ ର ସମସ୍ତ ଯୁବକ, ବସ୍ତିବାସିନ୍ଦା ଓ ସଂସାଙ୍ଗବାହା ଲେଡିଜ ଗ୍ରୁପ ସହଯୋଗରେ ବାଦ୍ୟ ଓ ନୃତ୍ୟ ଗୀତର ତାଳେ ତାଳେ ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ ଡକ୍ଟର ପ୍ରସନ୍ନ କୁମାର



ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନର ଉଦଯାପନୀ ଉତ୍ସବରେ ଅତିଥିଭାବେ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ, କୋଷ୍ଟ ଗାର୍ଡ କମାଣ୍ଡାଣ୍ଟ ମଦନ ମୋହନ ମାର୍ଦ୍ଦି, ଡେପୁଟି କମାଣ୍ଡାଣ୍ଟ ଚନ୍ଦ୍ର ହାଁସଦା, ସମାଜସେବୀ ଆଶୁତୋଷ ସ୍ୱାଇଁ, ଆଡ଼ଭୋକେଟ ଦେବବ୍ରତ ସାହୁ, ପାରିଷଦ ବନିତା ରାଉତ ଓ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଉଜ୍ଜ୍ୱଳ ଗୋଲଦାର ପ୍ରମୁଖ ଯୋଗଦେଇ ଖେଳାଳି ତଥା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ଅତିଥିମାନେ ଆୟୋଜକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିବା ସହିତ ଏହା ଏକ ଖେଳ ମାତ୍ର ଏଥିରେ ହାର୍ ଜିତ୍ ଥାଏ,ଏହି ଖେଳ ମାଧ୍ୟମରେ ବନ୍ଧୁତା ଓ ଭାଇଚାରା ବଜାୟ ରଖିବା ସହ ଆଗାମୀ ଦିନରେ କିପରି ଓଡିଶାର ସମସ୍ତ ଜିଲ୍ଲା ଭାଗ ନେବ ଏବଂ ରାଜ୍ୟସ୍ତରୀୟ ହୋଇପାରିବ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସଦାସର୍ବଦା ଆଦିବାସୀ ଭାଇ ଭଉଣୀଙ୍କ ସହିତ ରହିବେ ବୋଲି ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

## ଯାଦବ ମହାସଭା ପକ୍ଷରୁ ସହାୟତା ପ୍ରଦାନ

ଫୁଲନଖରା,(ପି.ଏନ): ବୟାଳିଶମୌଜା ଯାଦବ ମହାସଭାର ପ୍ରତିଷ୍ଠାତା ତଥା ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୪୨ ମୌଜା ଯାଦବ ମହାସଭା ପକ୍ଷରୁ ଝାରକଟା ନିବାସୀ ଶିବ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବଙ୍କର ଏକ ଦୁର୍ଘଟଣା ହେତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡ଼ିକାଲରେ ଡାହାଣ ଗୋଡ ଆଣ୍ଠୁ ତଳକୁ କଟା ଯାଇଛି । ସେ ଥିଲେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଘରେ ତାଙ୍କ ଉପରେ ନିର୍ଭରଶୀଳ ବୃଦ୍ଧା ମାତା, ସହଧର୍ମିଣୀ ଓ ତିନି ନାବାଳିକା କନ୍ୟା । ସେ ଅତି ଗରିବ ପରିବାର । ୪୨ମୌଜା ଯାଦବ ମହାସଭା ପକ୍ଷରୁ ଶିବଙ୍କ ପରିବାରକୁ ଦଶ ହଜାର ଟଙ୍କା ଆର୍ଥିକ ସହାୟତା



ତାଙ୍କ ସହଧର୍ମିଣୀଙ୍କ ହସ୍ତରେ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୪୨ ମୌଜା ଯାଦବ ମହାସଭା ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା,ସମ୍ପାଦକ ପ୍ରସନ୍ନ କୁମାର ବେହେରା,ଟୁଟନ୍ ବେହେରା, ଆଶିଷ ବେହେରା, କଦମପଡ଼ା (ଖରିପଡ଼ିଆ) ଅଧିକାରୀ ପ୍ରଶାନ୍ତ ପଲେଇ,ନବୀନ ପଲେଇ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅସହାୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ଯାଦବ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି ।

## ଆଜି ଛୁଇଁଲା ମାଲକାନଗିରି ଆକାଶକୁ ମୌସୁମୀ ବର୍ଷା

ମାଲକାନଗିରି, (ପି.ଏନ): ଆଜି ମାଲକାନଗିରି ଆକାଶକୁ ପ୍ରଥମେ ଛୁଇଁଲା ମୌସୁମୀ ବର୍ଷା । ଫଳରେ ଅପରାହ୍ନ ୫ ଟା ସମୟରେ ଚାରିଆଡେ ଝିପ୍ ଝିପ୍ ବର୍ଷା ଆକାଶରୁ ମନ୍ଥର ଗତିରେ ଝରିପଡିଲା ।କଳା କଳା ବାଦଲ ସାରା ଆକାଶକୁ ଆଚ୍ଛାଦିତ କଲା ପରେ ସୂର୍ଯ୍ୟ ରଶ୍ମି ଭୂପୃଷ୍ଠରେ ପତିତ ହେଲା ନାହିଁ। ଧୀରେ ଧୀରେ ବର୍ଷା ତା'ର ଗତି ପଥ ବଦଳାଇ ପ୍ରସରୀ ଗଲା ଏ ପ୍ରାନ୍ତରରୁ ସେ ପ୍ରାନ୍ତକୁ। ମୃଦୁ ମନ୍ଥର ଗତିରେ ବର୍ଷା ଭିଜାଇ ଦେଲା ସମଗ୍ର ମାଲକାନଗିରିର ତପ୍ତ ବନ ଗିରି ଭୂପୃଷ୍ଠ କୁ । ମୌସୁମୀ ବର୍ଷାର ସ୍ପର୍ଶରେ ଶାନ୍ତ ଶୀତଳ ଅନୁଭବରେ ରସାଣିତ କରିଛି ମାଲକାନଗିରି ପରିବେଶକୁ। ବହୁ ଦିନର ଗ୍ରୀଷ୍ମ ତାପରୁ ମୁକ୍ତିଲାଭ ମିଳିଛି ।ଲୋକମାନେ ଆଜି ରିମ୍ ଝିମ୍



ବର୍ଷରେ ନିଜକୁ ଭିଜାଇବାରେ ଅପୂର୍ବ ଆନନ୍ଦ ଅନୁଭବ କରିଛନ୍ତି। ଭାରତୀୟ ପାଣି ପାଗର ପୂର୍ବାନୁମାନ ଅନୁସାରେ ଆଜି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର ଦକ୍ଷିଣାଞ୍ଚଳରେ ୨୪ ଘଣ୍ଟା ମଧ୍ୟରେ ପ୍ରବେଶ କରିବ ବୋଲି ଘୋଷଣା କରିଥିଲା। ପାଣିପାଗ ସୂଚନା ଅନୁସାରେ ପୂର୍ବାନୁମାନ ଆଜ ସତ୍ୟରେ ପରିଣତ ହୋଇଛି। ପୂର୍ବରୁ ଏହି ମୌସୁମୀ ବାୟୁ ଓଡ଼ିଶାକୁ ମେ ୨୮,୧୯୯୯ ଏବଂ ମେ ୨୫,୨୦୦୯ ରେ ଛୁଇଁ ଥିଲା। ଦୀର୍ଘ ୧୬ ବର୍ଷ ପରେ ମୌସୁମୀ ବାୟୁ ଓଡ଼ିଶାରେ ସ୍ପର୍ଶ କରିଥିବାରୁ ଚଳିତ ବର୍ଷା ଋତୁରେ ଭଲ ବର୍ଷା ହେବ ବୋଲି ଆକଳନ କରାଯାଉଛି।

## ପବିତ୍ର ରଥଯାତ୍ରା ଉପଲକ୍ଷେ ପୁରୀ ପ୍ରଶାସନକୁ ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୨୦୦ ରୋଡ ବାରିକେଡ ପ୍ରଦାନ







ପାରାଦ୍ୱୀପ,(ପି.ଏନ): ଓଡ଼ିଶା ତଥା ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ରେ ଭକ୍ତ ତଥା ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ନିମନ୍ତେ ଇଫକୋ ପାରାଦ୍ୱୀପ ୟୁନିଟ ପକ୍ଷରୁ ପୁରୀ ପ୍ରଶାସନ କୁ ଦୁଇଶହ ରୋଡ ବ୍ୟାରିକେଡ ପ୍ରଦାନ କରାଯାଇଛି । ଇଫକୋ ର ଏହି ପଦକ୍ଷେପ ତାର ସିଏସଆର କାର୍ଯ୍ୟକଳାପ ଅନ୍ତର୍ଗତ ସଡକ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ । ପୁରୀ ଜିଲ୍ଲାପାଳ ଙ୍କ ଉପସ୍ଥିତିରେ ଇଫକୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଏହି ବ୍ୟାରିକେଡ ପ୍ରଦାନ କରିଥିଲେ । ରଥଯାତ୍ରା ସମୟରେ ପୁରୀର ମୁଖ୍ୟ ମାର୍ଗ ଓ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହି ବ୍ୟାରିକେଡ ଲଗାଯାଇ ଟ୍ରାଫିକ ସମସ୍ୟା କୁ ନିୟନ୍ତ୍ରଣ କରାଯିବ । ତେବେ ସମାଜ କଲ୍ୟାଣ ପାଇଁ ପାରାଦ୍ୱୀପ ଇଫକୋ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକୁ ଗୁରୁତ୍ୱ ଦେଇ ଆସୁଛି ବୋଲି ଇଫକୋ ର ମୁଖ୍ୟ ଶ୍ରୀ ମହାପାତ୍ର କହିଛନ୍ତି । ଏହି ସମସ୍ତ କାର୍ଯ୍ୟକ୍ରମ କୁ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ପରିଚାଳନା କରିଥିଲେ ।





Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray